୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27 . No.19 Bhubaneswar Sunday Feburary 23 2025 | ୨୭ତମ ବର୍ଷ ସଂଖ୍ୟା–୧୯ ଭୁବନେଶ୍ୱର, ରବିବାର, ଫେବୃଆରୀ ୨୩, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ଶକ୍ତିକାନ୍ତ ଦାସଙ୍କୁ ନୂଆ ନିଯୁକ୍ତି, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚ୍ିବ-୨ ଭାବେ କରିବେ କାମ

ଭୁବନେଶ୍ୱର,୨୨।୨(ପି.ଏନ): ଓଡିଆ ପୁଅ ତଥା ଆର୍‌ବିଆଇର ପୂର୍ବତନ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କୁ ମିଳିଛି ନୂଆ ନିଯୁକ୍ତି। ତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚ୍ିବ-୨ ଭାବେ ନିଯୁକ୍ତି ଦିଆଯାଇଛି। କ୍ୟାବିନେଟ୍‌ର ନିଯୁକ୍ତି କମିଟି ତାଙ୍କୁ ଏହି ପଦବୀରେ ନିଯୁକ୍ତି ଦେବାକୁ ଅନୁମତି ଦେଇଛନ୍ତି।ଶକ୍ତିକାନ୍ତ ଦାସ ହେଉଛନ୍ତି ୧୯୮୦ ବ୍ୟାଚ୍‌ର ତାମିଲନାଡୁ କ୍ୟାଡରର ଅବସରପ୍ରାପ୍ତ ଆଇଏଏସ୍ ଅଫିସର। ଆଇଏଏସ୍ ଚ୍ାକିରିରୁ ଅବସର ନେବା ପରେ ସେ ଆରବିଆଇର ଗଭର୍ଣ୍ଣର ଭାବେ ନିଯୁକ୍ତି ପାଇଥିଲେ। ୨୦୧୮ ଡିସେମ୍ବର ମାସରେ ସେ ଆରବିଆଇର ଗଭର୍ଣ୍ଣର ଭାବେ ନିଯୁକ୍ତି ପାଇଥିବା ବେଳେ ଗତ ବର୍ଷ ଡିସେମ୍ବର ମାସରେ ଅବସର ନେଇଥିଲେ।ଅନ୍ୟ ଜଣେ ଓଡିଆ ପୁଅ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ପି.କେ ମିଶ୍ର ଏବେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚ୍ିବ ଅଛନ୍ତି। ଶକ୍ତିକାନ୍ତ ଦାସ ତାଙ୍କ ସହିତ ଦ୍ୱିତୀୟ ପ୍ରମୁଖ ସଚ୍ିବ ଭାବେ ଦାୟିତ୍ୱ ତୁଲାଇବେ। ଶକ୍ତିକାନ୍ତ ଦାସ ଉଭୟ ତାମିଲନାଡୁରେ ଓ କେନ୍ଦ୍ର ସରକାରଙ୍କ ଅଧୀନରେ ବିଭିନ୍ନ ବିଭାଗରେ ଦାୟିତ୍ୱ ନିର୍ବାହ କରିଛନ୍ତି। ୨୦୧୫ରୁ ୨୦୧୭ ମସିହା ଯାଏ ସେ କେନ୍ଦ୍ରରେ ଅର୍ଥନୀତିକ ବ୍ୟାପାର ସଚ୍ିବ ଦାୟିତ୍ୱ ତୁଲାଇଥିଲେ। ୨୦୧୭ରୁ ୨୦୧୮ ପର୍ଯ୍ୟନ୍ତ ସେ ଅର୍ଥ କମିଶନ୍‌ର ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ୨୦୧୪ ଜୁନ୍ ୧୬ରୁ ୨୦୧୫ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ସେ ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଥିବା ରାଜସ୍ୱ ବିଭାଗର ସଚ୍ିବ ଭାବେ କାର୍ଯ୍ୟ କରିଥିଲେ। ୨୦୧୩ରୁ ୨୦୧୪ ପର୍ଯ୍ୟନ୍ତ ସେ କେନ୍ଦ୍ର ସରକାରଙ୍କ ଫର୍ଟିଲାଇଜର ବିଭାଗର ସଚ୍ିବ ଥିଲେ। ସେ ଭାରତ ପକ୍ଷରୁ ଜି-୨୦ ସମ୍ମିଳନୀରେ ଶେରପା ଭାବେ ମଧ୍ୟ ପ୍ରତିନିଧିତ୍ୱ କରିଥିଲେ।ଶକ୍ତିକାନ୍ତଙ୍କ ଘର ଓଡିଶାର ଭୁବନେଶ୍ୱର ସହରରେ। ୧୯୫୭ ମସିହା ଫେବୃଆରୀ ୨୬ରେ ଜନ୍ମଗ୍ରହଣ କରିଥିଲେ ଶକ୍ତିକାନ୍ତ। ସେ ଭୁବନେଶ୍ୱରର ଡିଏମ୍ ସ୍କୁଲରେ ପାଠ ପଢ଼ିଥିଲେ। ପରେ ଦିଲ୍ଲୀର ଷ୍ଟିଫେନସ୍ କଲେଜରେ ଇତିହାସରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ସେ ୨୫ତମ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଗଭର୍ଣ୍ଣର ଭାବେ କାର୍ଯ୍ୟ କରିଛନ୍ତି।



## ପୋଲିସ ହାତରେ ଛିନତାଇ ଗ୍ୟାଙ୍ଗ, ୨୪ଟି ସୁନାଚେନ୍ ସହ ୫ଜଣ ଗିରଫ

ଅନୁଗୁଳ,୨୨।୨(ପି.ଏନ): ପୋଲିସକୁ ଏକ ବଡ ସଫଳତା ମିଳିଛି। ଧରାପଡିଲେ ଛିନତାଇ ଗ୍ୟାଙ୍ଗ। ଅନୁଗୁଳ ଜିଲ୍ଲାରେ ୨୪ଟି ସୁନାଚେନ ସହ ୫ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଏହି ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ତାଳଚେର ପୋଲିସ।

ସମସ୍ତ ୫ଜଣ ଅଭିଯୁକ୍ତ ଏହି ୨୪ଟି ସୁନା ଚେନ୍ ଚୋରୀ ଘଟଣାରେ ସମ୍ପୃକ୍ତ ଥିଲେ। ଲୁଟ୍ ଚେନ ସହ ବାଇକ ମଧ୍ୟ ଜବତ ହୋଇଛି। ଅନୁଗୁଳ, ତାଳଚେର, କାମାକ୍ଷାନଗର ଓ ଢେଙ୍କାନାଳରୁ ଏହି ଲୁଟ୍ ହୋଇଛି। ଏ ନେଇ ଅନୁଗୁଳ ଏସପି ରାହୁଲ ଜୈନ ସୂଚ୍ନା ଦେଇଛନ୍ତି।

## ବିଜୁଳି, ଘଡଘଡି ସହ ପ୍ରବଳ ବର୍ଷା, ୯ ଜିଲ୍ଲାକୁ ପାଣିପାଗ ବିଭାଗର ଅରେଞ୍ଜ ୱାର୍ଣ୍ଣିଂ

ଭୁବନେଶ୍ୱର,୨୨।୨(ପି.ଏନ): ବର୍ଷା ଓ ଘଡଘଡି ହେବ ବୋଲି ୯ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ। ୯ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କଲା ପାଣିପାଗ ବିଭାଗ। ଏହି ୯ ଜିଲ୍ଲାଗୁଡିକ ହେଲେ- କେନ୍ଦୁଝର, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ସୁନ୍ଦରଗଡ, ଝାରସୁଗୁଡା।ଏଥିସହ ଅନ୍ୟ ୧୩ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କଲା ପାଣିପାଗ ବିଭାଗ। ୨୪ ଘଣ୍ଟା ପାଇଁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ୫୦ରୁ ୬୦ କିମି ବେଗରେ ପବନ ସମ୍ଭାବନା ରହିଛି।ପୂର୍ବରୁ ମଧ୍ୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚ୍ନା ଜାରି କରାଯାଇଥିଲା। ୪ ଦିନ ବିଭିନ୍ନ ଜିଲ୍ଲାରେ ବର୍ଷା ହେବା ନେଇ ସୂଚ୍ନା ଦେଇଥିଲା ପାଣିପାଗ ବିଭାଗ।

## ଟ୍ରମ୍ପ କହିଲେ, 'ମୋ ବନ୍ଧୁ ପିଏମ ମୋଦି'ଙ୍କ ପାଖକୁ ଯାଇଛି ୨୧ ନିୟୁତ ଡଲାର

ଭୁବନେଶ୍ୱର,୨୨।୨(ପି.ଏନ): ଭାରତର ଭୋଟ ହାରରେ ଉନ୍ନତି ଆଣିବା ପାଇଁ ଆମେରିକା ପକ୍ଷରୁ ୟୁଏସଏଆଇଡି ଜରିଆରେ ୨୧ ନିୟୁତ ଡଲାର ଦିଆଯାଇଥିବା ପ୍ରସଙ୍ଗକୁ କ୍ରମାଗତ ୪ର୍ଥ ଦିନ ପାଇଁ ଉଠାଇଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ସେ ଏହି ପ୍ରସଙ୍ଗ ଉଠାଇବା ବେଳେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାଁ ନେଇଛନ୍ତି। ପୂର୍ବରୁ ୨୧ ନିୟୁତ ଡଲାର ଅନୁଦାନକୁ ନେଇ ବିଜେପି ଓ କଂଗ୍ରେସ ମଧ୍ୟରେ ବାକଯୁଦ୍ଧ ଚ୍ାଲିଥିଲା।ଆଜି ଟ୍ରମ୍ପ ସିଧାସଳଖ ୨୧ ନିୟୁତ ଡଲାର 'ମୋ ବନ୍ଧୁ ପ୍ରଧାନମନ୍ତ୍ରୀ ମୋଦି'ଙ୍କ ପାଖକୁ ଯାଇଥିବା କହିବାରୁ ବିବାଦ ଆହୁରି ତୀବ୍ର ହୋଇଛି। ସେହିପରି ୟୁଏସଏଆଇଡି ପାଣ୍ଠି ସ୍ୱତନ୍ତ୍ର ଭାବେ ଭାରତ ଓ ବାଂଲାଦେଶକୁ ଦିଆଯାଇଥିବା କଥା କହି ଟ୍ରମ୍ପ ଇଣ୍ଡିଆନ ଏକ୍ସପ୍ରେସରେ ପ୍ରକାଶ ପାଇଥିବା ରିପୋର୍ଟକୁ ଭୁଲ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି। ଇଣ୍ଡିଆନ ଏକ୍ସପ୍ରେସରେ ଖବର ପ୍ରକାଶ ପାଇଥିଲା ଯେ ଟ୍ରମ୍ପ ଯେଉଁ ୨୧ ନିୟୁତ ଡଲାରର ଅନୁଦାନ କଥା କହୁଛନ୍ତି, ସେଇଟା ଭାରତ ନୁହେଁ, ବରଂ ବାଂଲାଦେଶକୁ ଯାଇଥିଲା।ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ପୂର୍ବରୁ ସଙ୍କ ?ତ ଦେଇଥିଲେ ଯେ ସମ୍ଭବତଃ ୨୦୨୪ ଲୋକସଭା ନିର୍ବାଚ୍ନରେ ହସ୍ତକ୍ଷେପ କରିବା ପାଇଁ ଉକ୍ତ ପାଣ୍ଠିର ବ୍ୟବହାର ହୋଇଛି। ସେ ଏହାର କୌଣସି ପ୍ରମାଣ ଦେଇ ନଥିଲେ ହେଁ ଆଜି ବୟାନରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନାଁ ନେବା ସମସ୍ତଙ୍କୁ ଚ୍କିତ କରିଛି। ତେବେ, ତାଙ୍କର ସମୁଦାୟ ବକ୍ତବ୍ୟକୁ ଅନୁଧ୍ୟାନ କଲେ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନାଁ ନେଇଥିଲେ ବି ଏହି ଅର୍ଥ ଭାରତକୁ ଯାଇଛି ବୋଲି ବୁଝିଛନ୍ତି।



## ପିଏମଓରେ ପ୍ରିନସପାଲ ସେକ୍ରେଟାରୀ

ଭୁବନେଶ୍ୱର,୨୨।୨(ପି.ଏନ): ସ୍ୱାଧୀନ ଭାରତରେ ଦାୟିତ୍ୱରେ ରହିଥିବା ୧୬ଜଣ ପ୍ରଧାନମନ୍ତ୍ରୀଙ୍କ ଭିତରେ ପ୍ରଥମେ ୧୯୭୧ରେ ଇନ୍ଦିରା ଗାନ୍ଧୀଙ୍କ ସମୟରେ ପ୍ରଧାନମନ୍ତ୍ରୀଙ୍କ ଦପ୍ତରରେ ପ୍ରମୁଖ ସଚ୍ିବ ପଦ ସୃଷ୍ଟି ହେଲା। ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ପ୍ରମୁଖ ସଚ୍ିବ ଭାବେ ସ୍ଥାନ ପାଇଥିଲେ ଆଇଏଫ୍‌ଏସ୍ ଅଫିସର ପି ଏନ୍ ହକ୍ସର। କାଶ୍ମୀରୀ ପଣ୍ଡିତ ପରିବାରରେ ଜନ୍ମିତ ହକ୍ସର ଇନ୍ଦିରା ଗାନ୍ଧୀଙ୍କୁ ବାଂଲାଦେଶ ମୁକ୍ତି ଯୁଦ୍ଧଠାରୁ ଆରମ୍ଭ କରି ବ୍ୟାଙ୍କ ଜାତୀୟକରଣ ପର୍ଯ୍ୟନ୍ତ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ପରାମର୍ଶ ଦେଇଥିଲେ। ଇନ୍ଦିରା ଗାନ୍ଧୀଙ୍କ ସହ ହକ୍ସରଙ୍କ ବିତିଥିବା ସମୟକୁ ନେଇ ଅନେକ ପୁସ୍ତକ ଲେଖାଯାଇଥିବାବେଳେ ତାଙ୍କୁ ୧୯୭୩ରେ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମ ବିଭୂଷଣ' ଦିଆଯାଇଥିଲା। ମାତ୍ର ନିଜର ସରକାରୀ କାର୍ଯ୍ୟ ପାଇଁ ପୁରସ୍କାର ଗ୍ରହଣ କରିବା ଅସ୍ୱସ୍ତିକର ହେବ ଦର୍ଶାଇ ସେ ତାହାକୁ ପ୍ରତ୍ୟାଖ୍ୟାନ କରିଥିଲେ।୧୬ଜଣ ପ୍ରଧାନମନ୍ତ୍ରୀଙ୍କ ସମୟରେ ପ୍ରମୁଖ ସଚ୍ିବ ଭାବେ ସ୍ଥାନ ପାଇଛନ୍ତି ୧୪ଜଣ ପ୍ରମୁଖ ସଚ୍ିବ। ୧୯୮୧ରୁ ୧୯୮୫ ପର୍ଯ୍ୟନ୍ତ ଉଭୟ ଇନ୍ଦିରା ଗାନ୍ଧୀ ଓ ତାଙ୍କ ପୁତ୍ର ରାଜୀବ ଗାନ୍ଧୀଙ୍କ ସମୟରେ ପ୍ରମୁଖ ସଚ୍ିବ ଥିବା ଅଫିସର କେରଳର ପି ସି ଆଲେକଜାଣ୍ଡରଙ୍କ କ୍ଷମତା ସେତେବେଳେ କ୍ୟାବିନେଟ ସଚ୍ିବଙ୍କଠାରୁ ବି ଟପିଯାଉଥିଲା ବୋଲି କୁହାଯାଏ। ୧୯୯୭ରେ ପ୍ରଧାନମନ୍ତ୍ରୀ ଆଇ କେ ଗୁଜରାଲଙ୍କ ବେଳେ ଆସିଥିଲେ ପଂଜାବ କ୍ୟାଡର ଆଇଏଏସ୍ ଅଫିସର ଏନ ଏନ ଭୋରା। ପରେ ୨୦୦୮ରେ ସେ ଜମ୍ମୁ ଓ କାଶ୍ମୀରର ରାଜ୍ୟପାଳ ବି ହୋଇଥିଲେ। ସେହିଭଳି ୧୯୯୮ରୁ ୨୦୦୪ ପର୍ଯ୍ୟନ୍ତ ଆଇଏଫ୍‌ଏସ ଅଫିସର ବ୍ରଜେଶ ମିଶ୍ର ଥିଲେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରମୁଖ ସଚ୍ିବ। ୨୦୦୪ରୁ ୨୦୧୧ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ପ୍ରମୁଖ ସଚ୍ିବ ରହିଥିଲେ ପଂଜାବ କ୍ୟାଡରର ଆଇଏଏସ୍ ଅଫିସର ଟି କେ ଏ ନାୟାର। ୨୦୧୪ରେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେଲା ପରେ ଉତ୍ତରପ୍ରଦେଶ କ୍ୟାଡରର ଆଇଏଏସ୍ ଅଫିସର ନୃପେନ୍ଦ୍ର ମିଶ୍ରଙ୍କୁ ପ୍ରମୁଖ ସଚ୍ିବ ଭାବେ ବାଛିଥିଲେ। ତାର ୫ ବର୍ଷ ପରେ ୨୦୧୯ରେ ନିଯୁକ୍ତି ଦେଇଥିଲେ ଗୁଜରାଟ କ୍ୟାଡରର ଓଡିଆ ଆଇଏଏସ୍ ଅଫିସର ପି କେ ମିଶ୍ରଙ୍କୁ। ନରେନ୍ଦ୍ର ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କ ପ୍ରମୁଖ ସଚ୍ିବ ଥିଲେ ପି କେ ମିଶ୍ର।

## ବକେୟା ଦରମା ପାଇଲେ ଓଡ଼ିଶା ଶିକ୍ଷକ: ଦରମା ଦେବାକୁ ସିଧା ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଥିଲେ ଆଇଏଏସ୍ ଅନନ୍ୟା

ବଲାଙ୍ଗିର,୨୨।୨(ପି.ଏନ): ବଲାଙ୍ଗିର ଜିଲ୍ଲାର ଜଣେ ସରକାରୀ ସ୍କୁଲ ଶିକ୍ଷକ ତିନି ମାସ ଧରି ଦରମା ନପାଇବା ପରେ ଶ୍ରମିକ ଭାବରେ କାମ କରିବାକୁ ଛୁଟି ମାଗିଥିଲେ । ଏହାର କିଛି ଦିନ ପରେ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଆଇଏଏସ ଅନନ୍ୟା ଦାସ ହସ୍ତକ୍ଷେପ କରି ଶିକ୍ଷକଙ୍କ ଦରମା ତୁରନ୍ତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ବରିଷ୍ଠ ବ୍ୟୁରୋକ୍ରାଟ ପ୍ରତ୍ୟେକ ଜିଲ୍ଲାର ସମସ୍ତ ଶିକ୍ଷକଙ୍କ ଦରମା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କାନାରା ବ୍ୟାଙ୍କ, ବାପୁଜୀ ନଗର ଶାଖା, ଭୁବନେଶ୍ୱରର ଶାଖା ପରିଚ୍ାଳକଙ୍କୁ ଏକ ଚ୍ିଠି ଲେଖି ଆଇଏଓ ଅଧିକାରୀ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଶିକ୍ଷକଙ୍କ ଦରମା ପାଇଁ ଜିଲ୍ଲାଗୁଡ଼ିକୁ ପାଣ୍ଠି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଏହାରି ମଧ୍ୟରେ ଖବର ମିଳିଛି କି, ଶିକ୍ଷକମାନଙ୍କୁ ବକେୟା ଦରମା ପ୍ରଦାନ କରିଛି ଗଣଶିକ୍ଷା ବିଭାଗ । ୩୧୮ କୋଟି ୩୨ ଲକ୍ଷ ୮୨ ହଜାର ଟଙ୍କା ରିଲିଜ୍ କରିଛି ବିଭାଗ । ତେବେ ପୁଇଁତଲା ବ୍ଲକର ୭୨ ଶିକ୍ଷକ ଦରମା ପାଇନଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ଜଣେ ଶିକ୍ଷକ ମଜୁରୀ ପାଇଁ ପ୍ରଧାନଶିକ୍ଷକଙ୍କୁ ଛୁଟି ଆବେଦନ କରିଥିଲେ ।

ଶିକ୍ଷକଙ୍କ କାହାଣୀ: ବଲାଙ୍ଗିର ଜିଲ୍ଲାର ପୁଇଁନ୍ତଲା ବ୍ଲକର ବନ୍ଧନବାହାଲ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଭୁଦତ୍ତ ସାହୁ ତିନି ମାସ ଧରି ଦରମା ପାଇବାରୁ ବଞ୍ଚିତ ହେବା ପରେ ଦୈନନ୍ଦିନ ଆବଶ୍ୟକୀୟ ଜିନିଷପତ୍ର କିଣିବା ପାଇଁ ଟଙ୍କା ନଥିବାରୁ ଶ୍ରମିକ ଭାବରେ କାମ କରିବା ପାଇଁ ଛୁଟି ପାଇଁ ଆବେଦନ କରିବା ପରେ ସେ ଚ୍ର୍ଚ୍ଚାକୁ ଆସିଥିଲେ ।ତାଙ୍କ ଛୁଟି ଆବେଦନରେ ଉଲ୍ଲେଖ ଥିଲା ଯେ ସେ ଗୁରୁତର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି ଏବଂ ତାଙ୍କ ପରିବାର ପ୍ରତିପୋଷଣ ପାଇଁ ଦୈନିକ ମଜୁରିଆ ଭାବରେ କାମ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ସ୍କୁଲ ପ୍ରଧାନ ଶିକ୍ଷକ ତାଙ୍କ ଛୁଟି ମଞ୍ଜୁର କରିଥିବା ଅନୁମାନ କରାଯାଉଛି ।

ଦରମା ବିଳମ୍ବର କାରଣ: ପ୍ରାଥମିକ ରିପୋର୍ଟ ଅନୁଯାୟୀ, ଓଡିଶା ରାଜ୍ୟ ସହକାରୀ ଶିକ୍ଷକ କ୍ୟାଡର (ପୂର୍ବ କ୍ୟାଡର)ଙ୍କ ଦରମା ୟସଶସଏଙଠ ୱେବସାଇଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବିଳମ୍ବିତ ହୋଇଥିଲା, ଯାହା ସେମାନଙ୍କ ଦରମା ପ୍ରକ୍ରିୟାକରଣ ପାଇଁ ବ୍ୟବହୃତ ହୁଏ । ଦରମା ବିଳମ୍ବ କେବଳ ସାହୁ ପର୍ଯ୍ୟନ୍ତ ସୀମିତ ନୁହେଁ । ସାରା ରାଜ୍ୟରେ ପୂର୍ବତନ କ୍ୟାଡର ଶିକ୍ଷକମାନେ ବିଳମ୍ବର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି ।



## ଜାତୀୟ ଶିକ୍ଷାନୀତି ପାଇଁ ପ୍ରସ୍ତୁତି: ବିଭିନ୍ନ ସ୍କୁଲ ବୁଲି ସ୍ଥିତି ସମୀକ୍ଷା କଲେ ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୨୨।୨(ପି.ଏନ): ଏନଇପି କାର୍ଯ୍ୟକାରୀ ନେଇ ଗଣଶିକ୍ଷା ବିଭାଗର ପ୍ରସ୍ତୁତି ଜୋରସୋରରେ ଚ୍ାଲିଛି । ବିଭିନ୍ନ ସ୍କୁଲ ବୁଲି ସ୍ଥିତି ପରଖୁଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ସ୍କୁଲରେ ଆବଶ୍ୟକୀୟ ଶିକ୍ଷକ ଓ କର୍ମଚ୍ାରୀ ଅଛନ୍ତି କି ନାହିଁ, ମନ୍ତ୍ରୀ ତାହାର ଯାଞ୍ଚ କରିଛନ୍ତି । ଭିତ୍ତିଭୂମିର ବିକାଶ ହୋଇଛି କି ନାହିଁ, ସେନେଇ ମନ୍ତ୍ରୀ ସମୀକ୍ଷା କରିଛନ୍ତି । ଏହାକୁ ନେଇ ଅଭିଭାବକଙ୍କ ଠାରୁ ମତାମତ ନେଇଛନ୍ତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ତେବେ ଏହି ସମୀକ୍ଷା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନିଜର ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ, 'ସ୍କୁଲ ଭିତ୍ତିଭୂମି ବିକାଶ ଆମର ଫୋକସ । ଶ୍ରେଣୀଗୃହ, ଖେଳ ପଡିଆର ବିକାଶର ଆବଶ୍ୟକତା ରହିଛି । ଆମ ସରକାର ଆସିଲା ପରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛୁ । ଖାଲି ପଦବୀ ପୂରଣ ଉପରେ ପ୍ରକ୍ରିୟା ଜାରି ରହିଛି । ବଜେଟରେ ୩୧ ହଜାର କୋଟିର ବ୍ୟବସ୍ଥା କରାଯାଇଛି । ଶିକ୍ଷା କ୍ଷେତ୍ରରେ ଓଡିଶା ଅଗ୍ରଣୀ ରାଜ୍ୟ ହେବ । ଶିକ୍ଷା କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଉଛି ।'




## ସୈନିକ ସ୍କୁଲ ସ୍ଥାନାନ୍ତର ଚ୍କ୍ରାନ୍ତ ବିରୋଧରେ ତେଜିଲା ସ୍ୱର: ଚ୍ନ୍ଦକା ନିକଟକୁ ସ୍କୁଲ ଉଠାଇ ନେବାକୁ ଚ୍କ୍ରାନ୍ତ ହୋଇଥିବା ଅଭିଯୋଗ କଲା ମହାସଂଘ





ଭୁବନେଶ୍ୱର,୨୨।୨(ପି.ଏନ): ସୈନିକ ସ୍କୁଲ ସ୍ଥାନାନ୍ତର ଚ୍କ୍ରାନ୍ତ ବିରୋଧରେ ତେଜିଲା ସ୍ୱର । ରାସ୍ତା ଓ ଡମ୍ପିଂୟାର୍ଡ଼ ସମ୍ପ୍ରସାରଣ ଆଳରେ ଷଡଯନ୍ତ୍ର ଅଭିଯୋଗ । ପଦାରେ ପଡିଲା ଡବଲ ଇଞ୍ଜିନ ସରକାରର ଦୋମୁହାଁ ନୀତି । ସୈନିକ ସ୍କୁଲ ଓଡିଆ ଅସ୍ମିତାର ପରିଚ୍ୟ ନୁହଁ କି ବୋଲି ଉଠିଲା ପ୍ରଶ୍ନ । ଭୁବନେଶ୍ୱରରୁ ସୈନିକ ସ୍କୁଲ ସ୍ଥାନାନ୍ତରଣ ଚ୍ର୍ଚ୍ଚା ପରେ ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରିଛନ୍ତି ରାଜ୍ୟ ଅଭିଭାବକ ମହାସଂଘ, ସୈନିକ ସ୍କୁଲ ଅଭିଭାବକ ସଙ୍ଘ ଓ ସ୍ଥାନୀୟ ବୁଦ୍ଧିଜୀବୀ । ରାସ୍ତା ଓ ଡମ୍ପିଂୟାର୍ଡ଼ ସମ୍ପ୍ରସାରଣ ପାଇଁ ଚ୍ଞ୍ଚକତା କରି ସହରରୁ ୩୦ କିମି ଦୁର ଚ୍ନ୍ଦକା ନିକଟକୁ ସ୍କୁଲ ଉଠାଇ ନେବାକୁ ଚ୍କ୍ରାନ୍ତ ହୋଇଥିବା ଅଭିଯୋଗ କରିଛି ମହାସଂଘ । ସ୍କୁଲ ପରିସରରେ ଦେଶର ସୁରକ୍ଷା ପାଇଁ ବଳିଦାନ ଦେଇଥିବା ଶହ ଶହ ସହିଦଙ୍କ ଶ୍ରଦ୍ଧାଞ୍ଜଳି ପାଇଁ ସ୍ମାରକୀ ସହିତ ଆମର ଯବାନ ଜ୍ୟୋତି ରହିଛି । କର୍ପୋରେଟ ହାଉସଙ୍କୁ ଜମି ପ୍ରଦାନ ପାଇଁ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ କିଛି ବ୍ୟକ୍ତିଗତ ମନ୍ତବ୍ୟକୁ ନେଇ ଏପରି ଦୁର୍ଭାଗ୍ୟ ଜନକ ନିଷ୍ପତ୍ତି ନିଆଯାଇଥିବା ମହାସଂଘ ଅଭିଯୋଗ କରିଛି ।ଭୁବନେଶ୍ୱରର ଗଡକଣରେ ରାଜ୍ୟ ତଥା ଦେଶର ଗର୍ବ ଗୌରବ ଭାବେ ୧୯୬୧ ରୁ ପ୍ରତିଷ୍ଠିତ ସୈନିକ ସ୍କୁଲ ପ୍ରତିରକ୍ଷା କ୍ଷେତ୍ରରେ ସର୍ବୋତ୍କୃଷ୍ଟ ଯୋଗଦାନ କରି ଆସୁଛି । ବର୍ତ୍ତମାନର ଉପରାଷ୍ଟ୍ରପତି ମଧ୍ୟ ଏହି ଅନୁଷ୍ଠାନର ଛାତ୍ର ଫ ଓଡିଆ ପିଲାମାନେ କିପରି ଗୁଣାତ୍ମକ ଶିକ୍ଷା ସହ ସେନା ବାହିନୀରେ ଯୋଗ ଦେଇପାଇବେ ସେହି ଲକ୍ଷ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଉଦ୍ୟମରେ ଏହି ଅନୁଷ୍ଠାନ ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଥିଲା । ସୈନିକ ସ୍କୁଲ ନାମରେ ଆବଣ୍ଟିତ ହୋଇଥିବା ୨୨୪ ଏକର ଜମିରୁ ୩୦ ଏକର ଜମି ଡମ୍ପିଂୟାର୍ଡ ପାଇଁ ଦିଆଯାଇଥିଲା । ବଳକା ୧୯୪ ଏକର ମଧ୍ୟରୁ ଏବେ ୧୪୨ ଏକର ଜମିରେ ସୈନିକ ସ୍କୁଲ ଚ୍ାଲୁଛି । ସୈନିକ ସ୍କୁଲ ସ୍ଥାନାନ୍ତରଣ ନିଷ୍ପତ୍ତିକୁ ନ ଦବାଇଲେ ଆଗାମୀ ଦିନରେ ଜୋରଦାର ବିରୋଧ କରିବା ସହିତ ରାସ୍ତାକୁ ଓହ୍ଲାଇବା ନେଇ ଚେତାବନୀ ଦେଇଛି ମହାସଂଘ।

## ଅବ୍ୟବସ୍ଥା ଘେରରେ ରେକର୍ଡ ରୁମ: ଜେରକ୍ସ ଓ ପ୍ରିଣ୍ଟର ମେଶିନ ଅଚ୍ଳ, ଲୋକଙ୍କୁ ଲାଞ୍ଚ ମଗାଯାଉଥିବାର ଅଭିଯୋଗ

ଜଗତସିଂହପୁର,୨୨।୨(ପି.ଏନ): ଜଗତସିଂହରରେ ଅବ୍ୟବସ୍ଥା ଘେରରେ ରେକର୍ଡ ରୁମ । ରେକର୍ଡ ରୁମ ଅଛି ଅଥଚ୍ ମିଳୁନାହିଁ ରେକର୍ଡ । ଜେରକ୍ସ ଏବଂ ପ୍ରିଣ୍ଟର ମେସିନ ଅଚ୍ଳ ହୋଇପଡିଛି । କେଉଁଠି ଥାକରେ ତ କେଉଁଠି ଏଣେ ତେଣେ ରେକର୍ଡ ପତ୍ର ସବୁ ପଡିଛି । ହାଲ ଓ ସାବକ ପଟ୍ଟା ପାଇଁ ଆବେଦନ କରି ଗୈଡିଗୈଡି ନୟାନ୍ତ ହେଲେଣି ଲୋକେ । ଖାଲି ଏତିକି ନୁହେଁ ଲୋକଙ୍କୁ ପଟ୍ଟା ଦେବା ପାଇଁ କର୍ମଚ୍ାରୀ ମାନେ ଲାଞ୍ଚ ମାଗୁଥିବା ଅଭିଯୋଗ ହୋଇଛି ।ଟିକେ ନଜର ପକାନ୍ତୁ ଏହି ଦୃଶ୍ୟ ଉପରେ କିପରି ତଳେ ଖେଳା ହେଇକି ପଡିଛି ଫାଇଲପତ୍ର । ଅଧା ଥାକରେ ଥୁଆ ହୋଇଛି । ଏ କୌଣସି ଅଦରକାରୀ କାଗଜପତ୍ର ନୁହେଁ ଏ ହେଉଛି ଜନସାଧାରଣଙ୍କ ପଟ୍ଟା ରେକର୍ଡ ପତ୍ର । ହେଲେ ଏଥିପ୍ରତି କୌଣସି ଅଧିକାରୀଙ୍କ ଦାୟିତ୍ୱ ନଥିଲା ପରି ମନେ ହେଉଛି । ଏ ହେଉଛି ଜଗତସିଂହପୁର ଜିଲ୍ଲାପାଳଙ୍କ ଅଫିସ ପରିସରରେ ଥିବା ରେକର୍ଡ ରୁମର ଦୃଶ୍ୟ । ଏଠାରେ ଜଗତସିଂହପୁର, ବାଲିକୁଦା, ନାଉଗାଁ, ବିରିଡି, ରଘୁନାଥପୁର, ତିରତୋଲ, ଏରସମା ଓ କୁଜଙ୍ଗ ତହସିଲ ଅଞ୍ଚଳର ସମସ୍ତ ଲୋକଙ୍କ ପଟ୍ଟା ବା ସମସ୍ତ ରେକର୍ଡ ପତ୍ର ରଖାଯାଇଛି । ହେଲେ ସେ କାଗଜପତ୍ରର ଠିକ ସେ ରକ୍ଷଣାବେକ୍ଷଣା ହେଉନଥିବାରୁ ଲୋକ ମାନେ ଠିକ ସମୟରେ ହାଲ ଓ ସାବକ ପଟ୍ଟା ପାଇପାରୁନାହାଁନ୍ତି ।ଖାଲି ଏତିକି ନୁହେଁ ଲୋକଙ୍କୁ ପଟ୍ଟା ଦେବା ପାଇଁ କର୍ମଚ୍ାରୀ ମାନେ ଲାଞ୍ଚ ମାଗୁଥିବା ଅଭିଯୋଗ ହୋଇଛି । ସିସିଟିଭି କ୍ୟାମେରା ବାହାରେ ଆସି ସେମାନଙ୍କ ଠାରୁ ପଇସା ନେଇ ଆଜି ଆସ କାଲି ଆସ କହୁଛନ୍ତି । ଦୂରଦୂରାନ୍ତରୁ ଆସୁଥିବା ଆବେଦନକାରୀଙ୍କ ପାଇଁ ବସିବା ପାଇଁ ସୁବିଧା ନଥିବାରୁ ସେମାନେ ଫାଟକ ଆଗରେ ଠିଆ ହୋଇ ଫେରି ଯାଉଛନ୍ତି । ଯାହାକୁ ନେଇ ସାଧାରଣରେ ପ୍ରବଳ ଅସନ୍ତୋଷ ଦେଖାଦେଲାଣି । ସେପଟେ କ୍ୟାମେରା ଦେଖି ଅଫିସ ଭିତରେ ଥିବା କର୍ମଚ୍ାରୀ ହଡ଼ ବଡ଼ ହୋଇ ଯାଇଥିଲେ । ଫଟୋ ଉଠାନ୍ତୁ ନାହିଁ ବୋଲି କହିଥିଲେ । ଘଟଣା ସଂପର୍କରେ କିଛି ବି କହି ନଥିଲେ । ଏଠି ପ୍ରଶ୍ନ ଉଠୁଛି- କେତେ ଦିନ ଏମିତି ହଇରାଣ ହେବେ ଜଗତସିଂହପୁର ଜିଲ୍ଲାବାସୀ ? କେବେ ମିଳିବ ଆବେଦନକାରୀଙ୍କୁ ଠିକ ସମୟରେ ପଟ୍ଟା ? କେବେ ରେକର୍ଡ ରୁମ ପ୍ରତି ଦୃଷ୍ଟି ଦେବେ ରାଜ୍ୟ ସରକାର ? ତାକୁ ହିଁ ଅପେକ୍ଷା ।

## ୨୦ ମାସ: ସତ ମନ୍ତ୍ରୀ, କିନ୍ତୁ ମିଛ ବିଭାଗ

ଭୁବନେଶ୍ୱର,୨୨।୨(ପି.ଏନ): ଦୀର୍ଘ ୨୦ ମାସ ହେଲା ଆପ୍ ପଞ୍ଜାବରେ ଶାସନ କରୁଛି। ବରିଷ୍ଠ ନେତା କୁଲଦୀପ ସିଂହ ଧାଲିୱାଲ ମଧ୍ୟ ୨୦ ମାସ ହେଲା ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। କିନ୍ତୁ ସେ ନେତୃତ୍ୱ ନେଉଥିବା ପ୍ରଶାସନିକ ସଂସ୍କାର ବିଭାଗ ମିଛ। ଏହାର ଅର୍ଥ କୁଲଦୀପ ସିଂହ ନେତୃତ୍ୱ ନେଉଥିବା ବିଭାଗ ସରକାରୀ କାଗଜ ପତ୍ରରେ ହିଁ ନାହିଁ। ଏହା ଏକ ଭୂତ ବା ମିଛ ବିଭାଗ ଥିଲା। ହେଲେ ଏହି ଭୂତ ବିଭାଗକୁ ୨୦ ମାସ ହେଲା ଚ୍ଳାଇ ନିଜକୁ ଜଣେ ମନ୍ତ୍ରୀ ଭାବେ ପରିଚ୍ୟ ଦେଇଥିବା କୁଲଦୀପ ଏବେ ଲଜ୍ଜାଜନକ ସ୍ଥିତିର ସମ୍ମୁଖୀନ ହୋଇଛନ୍ତି ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୨୦ ମାସ ହେଲା ଏପରି ଏକ ଅସ୍ତିତ୍ୱ ନଥିବା ବିଭାଗରେ କୌଣସି କର୍ମଚ୍ାରୀ ନଥିଲେ।








# ବିଶ୍ୱର ସବୁଠାରୁ ଦାମୀ ଚା ପାତ୍ର, ଲାଗିଛି ୧୬୦୦ ହୀରା

ଆପଣ ତ ଘରେ ଅନେକ ସମୟରେ ଚା ପିଉଥିବେ । କେବଳ ଆପଣ ନୁହଁନ୍ତି ବରଂ ଭାରତର ସବୁଠାରୁ ଅଧିକ ଲୋକ ପାନୀୟ ଭାବେ ଚା ପିଇଥାନ୍ତି । ଅଧିକାଂଶ ଲୋକ ଚା 'ପିଇବା ସହିତ ସକାଳ ଆରମ୍ଭ କରନ୍ତି । ଦେଶରେ ବିଭିନ୍ନ ଢଙ୍ଗରେ ଚା ପ୍ରସ୍ତୁତ କରାଯାଏ । ଯେମିତିକି ମସାଲା ଚା, ଗୁଜୁରାଟି ଚା, ଅଦା ଚା କୁ ଅଧିକାଂଶ ଲୋକ ପସନ୍ଦ କରୁଥିବାବେଳେ ଅତିଥିମାନଙ୍କୁ ଚା 'ଦେବାବେଳେ ପ୍ରାୟ ଲୋକ ଚା କପ ସହ ଚାମଚ ଏବଂ ପ୍ଲେଟ ବ୍ୟବହାର କରିଥାନ୍ତି । ତେବେ ଆମେ ଯଦି ଆପଣଙ୍କୁ କହିବୁ ବିଶ୍ୱର ସବୁଠାରୁ ଦାମୀ ଚା ପାତ୍ର ବାବଦରେ ଆପଣ ଜାଣିଛନ୍ତି କି ? ତେବେ ଆପଣ ବୋଧେ ଜାଣିନଥିବେ । ଆଜି ଆମେ ଆପଣଙ୍କୁ ବିଶ୍ୱର ସବୁଠାରୁ ଦାମୀ ଚା ପାତ୍ର ବାବଦରେ କହିବୁ, ଯାହାର ମୂଲ୍ୟ ଶୁଣିବା ପରେ ଆପଣଙ୍କ ହୋସ ଉଡିଯିବ । ଗିନିଜ ୱାର୍ଲ୍ଡ ରେକର୍ଡ ଇନଷ୍ଟାଗ୍ରାମରେ ଦୁନିଆର ସବୁଠୁ ଦାମୀ ଚା ପାତ୍ରର ଫଟୋ ସେୟାର କରିଛି । ଏହି ଚା ପାତ୍ରର ମୂଲ୍ୟ ପ୍ରାୟ ୩ ମିଲିୟନ ଡଲାର ହୋଇଥିବାବେଳେ ଏହାକୁ ଇଟାଲୀର ଜଣେ ଅଳଙ୍କାର ନିର୍ମାତା ଫୁଲ୍ଭିଓ ସ୍କୋବିଆ ତିଆରି କରିଥିଲେ । ତେବେ ଆପଣ ପଚାରିବେ ଏହାର ମୂଲ୍ୟ ଏତେ ଅଧିକ କାହିଁକି ? ବାସ୍ତବରେ ଏହି ଚା ପାତ୍ରରେ ସୁନା ଓ ରୂପା ବ୍ୟବହୃତ ହୋଇଥିବାବେଳେ ଏଥିରେ ୧୬୫୮ଟି ହୀରା ଲାଗିଛି । ଏହାର ହ୍ୟାଣ୍ଡେଲ ପାଇଁ ହାତୀ ଦାନ୍ତ ବ୍ୟବହାର କରାଯାଇଥିବାବେଳେ ଚା ପାତ୍ରର ଢାଙ୍କୁଣୀରେ ଥାଇଲାଣ୍ଡର ୩୮୬ଟି ରୁବି ରତ୍ନ ଲାଗିଛି । ସୁନା, ରୂପା, ହୀରା, ରୁବି ଏବଂ ହାତୀ ଦାନ୍ତରେ ନିର୍ମିତ ଏହି ସୁନ୍ଦର ଚା ପାତ୍ର ଦର୍ଶକଙ୍କୁ ସ୍ତବ୍ଧ କରିଦିଏ । ଏହି ଦାମୀ ଚା ପାତ୍ରକୁ ସେପ୍ଟେମ୍ବର ୬, ୨୦୧୬ରେ ଗିନିଜ୍ ୱାର୍ଲ୍ଡ ରେକର୍ଡ ସବୁଠାରୁ ମହଙ୍ଗା ଚା' ପାତ୍ର ଭାବରେ ମାନ୍ୟତା ଦେଇଛି । ଗିନିଜ ୱାର୍ଲ୍ଡ ରେକର୍ଡ ଅନୁଯାୟୀ ଏହି ଚା ପାତ୍ରର ମାଲିକାନା ଏନ ସେଟିଆ ଫାଉଣ୍ଡେସନ ପାଖରେ ଥିବାବେଳେ ଏହି ଫାଉଣ୍ଡେସନ ହେଉଛି ଏକ ଦାନକାରୀ ସଂସ୍ଥା ଯାହାକି ଲଣ୍ଡନରେ ଶିକ୍ଷା, ଆଧ୍ୟାତ୍ମିକ କାର୍ଯ୍ୟକଳାପ ଏବଂ ଚିକିତ୍ସା ଅନୁସନ୍ଧାନରେ ନିୟୋଜିତ ରହିଛି । ଦାନକାରୀ ସଂସ୍ଥାର ପ୍ରତିଷ୍ଠାତା ତଥା ନ୍ୟୁବି ଚା'ର ଅଧକ୍ଷ ନିର୍ମଳ ସେଟିଆ ଚା'କୁ ସମ୍ମାନ ଦେବା ପାଇଁ ଏକ ଅମୂଲ୍ୟ ଚା ପାତ୍ର ତିଆରି କରିବାକୁ ଚାହୁଁଥିଲେ ଏବଂ ଏହାର ନିର୍ମାଣ କରାଇଥିଲେ ।







# ଅଭିନେତ୍ରୀ ମାହିରା ଖାନ

ପାକିସ୍ତାନୀ ଅଭିନେତ୍ରୀ ମାହିରା ଖାନ । ଯିଏ ପାକିସ୍ତାନୀ ଇଣ୍ଡଷ୍ଟ୍ରିର ଏକ ଅବିଶ୍ୱସନୀୟ ଏବଂ ପ୍ରତୀକାତ୍ମକ ବ୍ୟକ୍ତିତ୍ୱ । ଲଲିଉଡର ଅନ୍ୟତମ ସୁନ୍ଦର ତଥା ପ୍ରତିଭାବାନ ସେଲିବ୍ରିଟି ଅଟନ୍ତି । ମାହିରା ଖାନ ହେଉଛନ୍ତି ଏକମାତ୍ର ଅଭିନେତ୍ରୀ ଯିଏକି ବଲିଉଡ ତାରକା ଶାହାରୁଖ ଖାନଙ୍କ ସହ ପାକିସ୍ତାନୀ ଅଭିନେତ୍ରୀ ଭାବରେ କାମ କରିଛନ୍ତି । ଏହି ତାରକା ପାକିସ୍ତାନୀ ମନୋରଞ୍ଜନ ଇଣ୍ଡଷ୍ଟ୍ରିରେ ଏକ ଚମତ୍କାର କ୍ୟାରିୟର କରିଛନ୍ତି । ମାହିରା କେବଳ ଜଣେ ଦକ୍ଷ ଅଭିନେତ୍ରୀ ନୁହଁନ୍ତି; ସେ ଜଣେ ସଫଳ ଉଦ୍ୟୋଗୀ । ଯିଏ ଏକ ଫ୍ୟାଶନ୍ ପୋର୍ଟାଲ୍, ପୋଷାକ ବ୍ରାଣ୍ଡ ଏବଂ ଏକ ପ୍ରଡକ୍ସନ୍ ହାଉସ୍ ଚଳାନ୍ତି । ଏହି ଅଭିନେତ୍ରୀ ଆଜଲାନଙ୍କ ପୁଅ ପାଇଁ ଏକମାତ୍ର ପିତାମାତା ଅଟନ୍ତି । ବର୍ତ୍ତମାନ ପାକିସ୍ତାନୀ ଗଣମାଧ୍ୟମରେ ପ୍ରକାଶିତ କିଛି ରିପୋର୍ଟ ଅନୁଯାୟୀ, ୩୮ ବର୍ଷୀୟା ଅଭିନେତ୍ରୀ ପୁଣିଥରେ ପ୍ରେମରେ ପଡିଛନ୍ତି । ଆସନ୍ତା ମାସରେ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି । କେବଳ ଘନିଷ୍ଠ ପରିବାର ଏବଂ ସାଙ୍ଗମାନେ ଉପସ୍ଥିତ ରହିବେ । ଏହି ସମୟରେ ମେଗା ଲାଇଫ ଷ୍ଟାଇଲ ଟିଭିରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ ପାକିସ୍ତାନର ପଞ୍ଜାବ ଅଂଚଳର ଏକ ହିଲ୍ ଷ୍ଟେସନରେ ଏହି ସମାରୋହ ଅନୁଷ୍ଠିତ ହେବ । ତାଙ୍କ ପ୍ରଥମ ବିବାହ ୨୦୦୭ରେ ହୋଇଥିଲା ୨୦୧୫ରେ ଦୁହେଁ ଅଲଗା ହୋଇଯାଇଥିଲେ । ବର୍ତ୍ତମାନ ସେ ଦୀର୍ଘ ସମୟ ଧରି ସଲିମ୍ କରିମ୍ ସହିତ ରିଲେଶନସିପ୍‌ରେ ଅଛନ୍ତି । ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି କି ୩୮ ବର୍ଷରେ ଅଭିନେତ୍ରୀ ପୁଣି ବିବାହ କରିବାକୁ ଯାଉଛନ୍ତି ।



# ନିର୍ଦ୍ଦେଶନା ଦେବେ ଦିଶା ପଟାନୀ

ବଲିଉଡ୍‌ର ବୋଲ୍ଡ ଅଭିନେତ୍ରୀ ଦିଶା ପଟାନି । ବର୍ତ୍ତମାନ ତାଙ୍କର ମ୍ୟୁଜିକ୍ ଭିଡିଓ 'କ୍ୟୁଁ କରୁ ଫିକର'ରେ ଆସିବେ ନଜର । ଏହା ଜରିଆରେ ସେ ନିର୍ଦ୍ଦେଶନା କ୍ଷେତ୍ରରେ ଏଂଟ୍ରି କରିବାକୁ ଯାଉଛନ୍ତି । ସୋସିଆଲ ମିଡିଆରେ ମ୍ୟୁଜିକ୍ ଭିଡିଓର ପୋଷ୍ଟର ସେୟାର କରି ଫ୍ୟାନ୍ସଙ୍କୁ ଏହି ସୂଚନା ଦେଇଛନ୍ତି । ପୋଷ୍ଟରରେ ଦିଶା ବିନ୍ଦାସ୍ ଲୁକ୍‌ରେ ଦେଖିବାକୁ ମିଳିଛନ୍ତି । 'ହୁଇ ମଲଙ୍ଗ'ଠୁ ଆରମ୍ଭ କରି 'ସ୍ଲୋ ମୋସନ୍' ଓ 'ତୁ ୟୁ ଲଭ୍ ମି' ଭଳି ନିଜ ଗୀତରେ ଦମ୍‌ଦାର ଡ୍ୟାନ୍ସ କରି ଲୋକଙ୍କ ହୃଦୟରେ ସ୍ଥାନ ସୃଷ୍ଟି କରିଛନ୍ତି । ହେଲେ ଏଥର ଏହି ମ୍ୟୁଜିକ୍ ଭିଡିଓରେ ତାଙ୍କର ଭିନ୍ନ ଲୁକ୍ ଦେଖିବାକୁ ପାଇବେ ଦର୍ଶକ । ଦିଶାଙ୍କ ଅପ୍‌କମିଙ୍ଗ ଫିଲ୍ମ ଅଛି 'ଯୋଦ୍ଧା' । ଏଥିରେ ସେ ସିଦ୍ଧାର୍ଥ ମଲହୋତ୍ରାଙ୍କ ଅପୋଜିଟ୍‌ରେ ନଜର ଆସିବେ । ୨୦୧୫ ମସିହାରେ ତେଲୁଗୁ ଫିଲ୍ମ 'ଲୋଫର' ଜରିଆରେ ସେ ଅଭିନୟ କ୍ୟାରିଅର ଆରମ୍ଭ କରିଥିଲେ । ସୁଶାନ୍ତ ସିଂହ ରାଜପୁତଙ୍କ ଫିଲ୍ମ 'ଏମ୍.ଏସ୍. ଧୋନି: ଦ ଅନ୍‌ଟୋଲ୍ଡ ଷ୍ଟୋରୀ' ଜରିଆରେ ସେ ବଲିଉଡ୍‌ରେ କ୍ୟାରିଅର ଆରମ୍ଭ କରିଥିଲେ । ତା'ପରେ ଚାଇନିଜ୍ ଆକ୍ସନ୍ କମେଡି 'କୁଙ୍ଗ ଫୁ ୟୋଗା', 'ବାଗି-୨', 'ଭାରତ', 'ମଲଙ୍ଗ' ଓ 'ଏକ୍ ଭିଲେନ୍ ରିଟର୍ନସ'ରେ ଲିଡ୍ ଲେଡି ଭାବେ ନଜର ଆସିଥିଲେ ।

# କୋଡ଼ିଏ ହାତିଆ ସାମୁଦ୍ରିକ ଜୀବ

ରାମାୟଣରେ ରାବଣର କୋଡ଼ିଏଟି ହାତ ଥିଲା ବୋଲି ସେ ବିଂଶବାହୁ ନାମରେ ମଧ୍ୟ ପରିଚିତ । ନିକଟରେ ଆମେରିକାର ସାନ୍ ଡିଏଗୋ ସ୍ଥିତ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ ଆଂଟାର୍କଟିକା ମହାସାଗରରେ ସେଭଳି ଏକ ବିଂଶବାହୁକୁ ଠାବ କରିଛନ୍ତି । ଅବଶ୍ୟ ଏହି ସାମୁଦ୍ରିକ ଜୀବଟିର ମଣିଷ ପରି ପାପୁଲି ଓ ଆଙ୍ଗୁଠିଯୁକ୍ତ ହାତ ନାହିଁ । ତାହାର ବାହୁଗୁଡ଼ିକ ଅକ୍ଟୋପସର ବାହୁ ସଦୃଶ; କିନ୍ତୁ ତା'ର ଆଠଟି ବଦଳରେ ଦଶଯୋଡ଼ା ଗଣ୍ଠିଯୁକ୍ତ ବାହୁ ରହିଛି । ପ୍ରଥମ ନଜରରେ ଏହା ପୃଥିବୀ ବାହାରର ଜୀବ ବା ଏଲିଏନ୍ ପରି ଜଣାପଡ଼ିଥାଏ । ଟିକେ ନିରେଖି ଦେଖିଲେ ତାହାର ମୁଣ୍ଡ ପାଖଟି ଠିକ୍ ଷ୍ଟ୍ରବେରି ପରି ଦେଖାଯାଇଥାଏ । ଉକ୍ତ ଅମେରୁଦଣ୍ଡୀ ପ୍ରାଣୀଟିର ବୈଜ୍ଞାନିକ ନାମ 'ପ୍ରୋମାକୋକ୍ରିନସ୍ ଫ୍ରାଗାରିସ୍' ରଖାଯାଇଛି । ଲାଟିନ୍ ଶବ୍ଦ ଫ୍ରାଗାରିଅସ୍‌ରୁ ଆସିଥିବା 'ଫ୍ରାଗମ୍'ର ଅର୍ଥ ଷ୍ଟ୍ରବେରି, ତେଣୁ ତାହାର ନାମକରଣ ଏପରି ହୋଇଛି । ସମୁଦ୍ର ପତନର ୨୧୫ ଫୁଟରୁ ୩,୮୪୦ ଫୁଟ ଗଭୀରତାରୁ ଏହା ଆବିଷ୍କୃତ ହୋଇଛି । 'ଫିଦର ଷ୍ଟାର' ନାମକ ସାମୁଦ୍ରିକ ଜୀବ ପରି ଏହା ଦେହରେ ସୂକ୍ଷ୍ମ ପରଯୁକ୍ତ ଅଙ୍ଗମାନ ଅଛି ଯାହା ତାକୁ ପହଁରିବାରେ ସାହାଯ୍ୟ କରିଥାଏ । ତେଣୁ ତାହାକୁ ପ୍ରାଣୀବିଜ୍ଞାନୀମାନେ 'ଆଂଟାର୍କଟିକ୍ ଷ୍ଟ୍ରବେରି ଫିଦର ଷ୍ଟାର' ନାମରେ ନାମିତ କରିଛନ୍ତି ।



# ଘରୁ ଗନ୍ଧ ବାହରିଲେ କ'ଣ କରିବେ...



ବର୍ଷାଦିନେ ପ୍ରାୟ ଲୋକଙ୍କ ଘରୁ ଭିନ୍ନ ଭିନ୍ନ ଗନ୍ଧ ବାହାରିଥାଏ । ଯାହା ବେଳେ ବେଳେ ମୁଡ୍ ଖରାପ କରି ଦେଇଥାଏ । ଘରୁ ସୁବାସିତ ବାସ୍ନା ବାହାରିବା ଦ୍ୱାରା ମନଖୁସି ହେବା ସହ ଯେକୌଣସି କାମ କରିବା ପାଇଁ ମୁଡ୍ ହୋଇଥାଏ । କେବଳ ଘରକୁ ସଫା ରଖିଲେ ଏହି ସମସ୍ୟା ଦୂର ହୁଏନି । ବରଂ ଘରେ ପବନ ଯା'ଆସ କରିବାକୁ ସ୍କାଏଲାଇଟ୍ ବା ବଡ଼ ଝରକା ରହିଥିବା ଆବଶ୍ୟକ । ସେହିପରି ଘରର ଦୁର୍ଗନ୍ଧ ଦୂର କରିବା ପାଇଁ ଘରର ଭୂଇଁ, ଅଳିଆ ପାତ୍ର, ଫ୍ରିଜ୍ ଓ ମାଇକ୍ରୋୱେଭ୍ ଆଦି ମଧ୍ୟ ସଫା ରଖିବା ଦରକାର । ଏହାବ୍ୟତୀତ ପ୍ରାୟ ସବୁବେଳେ ବନ୍ଦ ରହୁଥିବା ଆଲମିରାକୁ ସଫା ନ କଲେ ମଧ୍ୟ ଗନ୍ଧ ବାହାରିଥାଏ । ଗନ୍ଧକୁ ସ୍ଥାୟୀ ଭାବେ ଦୂର କରିବାକୁ ହେଲେ ମାଇକ୍ରୋୱେଭରର ସହାୟତା ନେଇପାରିବେ ।

– ମାଇକ୍ରୋୱେଭ୍‌ର ବେକିଂ ଟ୍ରେରେ ସାମାନ୍ୟ ଡାଲଚିନି ଗୁଣ୍ଡ ସହ ୨/୩ଟି ଲବଙ୍ଗ ପକାଇ ବେକ୍ କରି ନିଅନ୍ତୁ । ଏବେ ମାଇକ୍ରୋୱେଭ୍‌ର ଡୋର ଖୋଲି ଦିଅନ୍ତୁ । ସମ୍ପୂର୍ଣ୍ଣ ଘର ମସଲା ବାସ୍ନାରେ ମହକି ଉଠିବ ।

– ଘରେ ଯଦି ଫୁଲ ରଖୁଥାନ୍ତି, ତେବେ ତା' ସହିତ କିଛି ହର୍ବ୍ସ ମଧ୍ୟ ରଖନ୍ତୁ । ଏହା ଘରକୁ ସୁବାଷିତ କରି ରଖିବ । ଏହାଛଡା ଘରର ଝରକା ପାଖରେ ଲେମନ୍ ଗ୍ରାସ୍ ଗଛକୁ ରଖି ଦିଅନ୍ତୁ । ଘର ଭିତରେ ହାଲ୍‌କା ଓ ଧୀମା ଧୀମା ବାସ୍ନା ଅନୁଭବ କରିପାରିବେ ।

– ଯଦି ରୋଷେଇ ଘରୁ କୌଣସି ଗନ୍ଧ ବାହାରୁଥାଏ, ତେବେ ଏହାକୁ ଡିପ୍ କ୍ଲିନ୍ କରି ନିଅନ୍ତୁ । ଗନ୍ଧ କମିଯିବ । ରୋଷେଇ ଘରେ ଥିବା ଏଗ୍‌ଜଷ୍ଟ, ଗ୍ୟାସ୍ ଚିମିନି, ଲାଇଟ୍, ବଲ୍‌ବ ଆଦିରେ ତେଲ ଜମିବା ଯୋଗୁ ସେଥିରୁ ଗନ୍ଧ ବାହାରିଥାଏ । ତେଣୁ ଏହାକୁ ସଫା କରି ନେଲେ ଗନ୍ଧ ଆପେ ଆପେ ଦୂର ହୋଇଯିବ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଫେବୃଆରୀ ୨୩

# ମୋ ଜୀବନର କଳ୍ପବୃକ୍ଷ



ଅନୀତା ପଟ୍ଟନାୟକ

କୁହାଯାଏ 'ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପ। ପିତରି ପ୍ରୀତି ମାପନ୍ନେ ପ୍ରୀୟନ୍ତେ ସର୍ବଦେବତା।' ଏହାର ଅର୍ଥ ପିତା ହେଉଛି ଧର୍ମ, ସ୍ୱର୍ଗ ଓ ଜୀବନର ତପସ୍ୟାର ଫଳ। ପିତା ଯଦି ସନ୍ତୁଷ୍ଟ ହୁଅନ୍ତି ସର୍ବ ଦେବତାମାନେ ପ୍ରୀତ ହୋଇଥାନ୍ତି। ମୋର ପିତା ଜଣେ ନିଆରା ଶିକ୍ଷକ ଥିଲେ। ସେ ସକାଳ ହେଲେ ଆମ ଭାଇ ଭଉଣୀ ମାନଙ୍କୁ ଉଠାଇ ଚଲାଇ ଚଲାଇ କିଛି ବାଟ ନେଇ ବିଭିନ୍ନ ମନ୍ଦିର ପ୍ରଭୃତି ଦେଖାଇ ଗାଈର କ୍ଷୀର, ଦହି ଗଉଡଘରୁ ଧରି ଘରକୁ ଫେରୁଥିଲେ। ବାପା କେବେ ଚାହାପି ପିଇବା କିମ୍ବା କ୍ଷୀର ପିଇବା ମୁଁ ଦେଖିନାହିଁ। ବରଂ ମାକୁ ପ୍ରେମପୂର୍ଣ୍ଣ ଶବ୍ଦରେ କୁହନ୍ତି ଆଜି ମୋ ପିଲାମାନେ ସମସ୍ତେ କ୍ଷୀର ପିଇଛନ୍ତିତ ? ବାପା ସବୁ ପିଲାମାନଙ୍କୁ ପାଠ ପଢ଼ିବାକୁ ପ୍ରୋତ୍ସାହିତ କରୁଥିଲେ। ତାଙ୍କର ସମସ୍ତ ଉପାର୍ଜିତ ଧନ ଆମର ସ୍କୁଲ ଡ୍ରେସ, ପାଠପଢ଼ା ଉପକରଣ, ଆମର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଖର୍ଚ୍ଚ କରିଦେଉଥିଲେ। ନିଜେ ଦୁଇହଳ ପୋଷାକରେ ଜୀବନ ଅତିବାହିତ କରିଦେଉଥିଲେ। ହଳେ ପୋଷାକ ଚିରିଗଲେ ବା ନଷ୍ଟ ହୋଇଗଲେ ଆଉ ଗୋଟିଏ ହଳ ତିଆରି କରାଉଥିଲେ। ମୁଁ ମୋର ବାପାଙ୍କୁ କେବେ କାହାଠାରୁ କିଛି ହାତପାତି କୌଣସି ପଦାର୍ଥ ଗ୍ରହଣ କରିବା ଦେଖିନାହିଁ। ସେ ତାଙ୍କର କଷ୍ଟ ଉପାର୍ଜିତ ଧନକୁ ଅକୁଣ୍ଠିତ ହୋଇ ଦାନ କରି ଦେଉଥିଲେ। ମତେ ଉଦାହରଣ ଦେଇ ବୁଝାଇ କହୁଥିଲେ ଗ୍ରହଣ କରିଥିବା ପାପୁଲି ତଳକୁ ଥାଏ କିନ୍ତୁ ଦାନ କରୁଥିବା ପାପୁଲି ସର୍ବଦା ଉପରେ ଥାଏ। ବାପା ଆମକୁ ଶକ୍ତି, ଧନ, ବାକ୍ୟ ଓ ଖାଦ୍ୟକୁ କିପରି ସଞ୍ଚୟ କରିବାକୁ ହେବ ତାହାକୁ ସେ ଶିଖାଉଥିଲେ। ମୋ ବାପା ସ୍କୁଲରେ ସବୁ ପିଲାଙ୍କୁ ନିଜର ପିଲାପରି ଭଲ ପାଉଥିଲେ। ମୋ ଆଗରେ ଅନ୍ୟ ପିଲାଙ୍କୁ ପ୍ରଶଂସା କରୁଥିଲାବେଳେ ମୁଁ ଯେତେବେଳେ ଈର୍ଷାନ୍ୱିତ ହେଉଥିଲି, ସେ ମତେ କହୁଥିଲେ ସମସ୍ତ ଈଶ୍ୱରଙ୍କର ସନ୍ତାନ। ଈଶ୍ୱରଙ୍କର ସାନ୍ନିଧ ଲାଭ କରିବାର ସୁଯୋଗ ସମସ୍ତଙ୍କର ଅଛି। କିନ୍ତୁ ବାପାଙ୍କ ଠାରୁ ଯଦି ଠିକ ଭାବରେ ଅଧିକ ସ୍ନେହ ଦାବିକରି ମଧ ପାଇନଥାଏ ତାର ମନର ଅବସ୍ଥା ଯାହାହୁଏ ମୁଁ ଅଧିକ ସ୍ନେହ ପାଉନଥିଲା ବେଳେ ମୋର ଅବସ୍ଥା ସେପରି ହୁଏ। ଆମ ପିଲାମାନଙ୍କର ଟିକେ ଦେହ ଖରାପ ହେଲେ ସେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ କରାଇଥାନ୍ତି। ସେ ଆମ ସବୁ ପିଲାମାନଙ୍କୁ ସକାଳ ସଞ୍ଜରେ ପ୍ରାର୍ଥନା, ଖାଦ୍ୟ ଗ୍ରହଣ ଓ ଶୋଇବା ପୂର୍ବରୁ ପ୍ରାର୍ଥନା, ଗୋଶାଳାକୁ ଯାଇ ଗାଇ ମାନଙ୍କର ସେବା ନିଜେ କରନ୍ତି। ଦୀନଦରିଦ୍ରଙ୍କର ସେବା କରିବାକୁ ଓ ମାଙ୍କୁ ଖାଦ୍ୟ ପୁଡ଼ିଆ ତିଆରି କରି ଦେବା ପାଇଁ ଶିକ୍ଷା ଦେଇଥାନ୍ତି। ମୋର ବାପା ମାଧବଙ୍କର ଭଜନ ଗାନ କରିବାକୁ ଭଲ ପାଉଥିଲେ। ସେ ଏପରି କାହିଁକି କରୁଛନ୍ତି ଦିନେ ପଚାରିବାରୁ ସେ କହିଥିଲେ ମାର ଅର୍ଥ ମାୟା, ଧବର ଅର୍ଥ ପ୍ରଭୁ ସେ ଜାତ ହେଉଛନ୍ତି, ନାଶ ହେଉଛନ୍ତି, ଜୀବନ ମାୟାର ଅଂଶ। ସାଧକ ହେଉଛନ୍ତି ସର୍ବମୟ କର୍ତ୍ତା। ଏତେ ବଡ଼ ବଡ଼ କଥା ମୋ ମୁଣ୍ଡରେ ପଶୁନଥିଲା।ଖରା ଦିନେ ସହରର ବିଭିନ୍ନ କେନ୍ଦ୍ରକୁ ନେଇ ମାଟି ହାଣ୍ଡିରେ ପାଣି ରଖି ପଥିକମାନଙ୍କୁ ସେ ପାଣି ଯୋଗାଇ ଥାନ୍ତି। ସେ ଧନାଢ଼୍ୟ ବ୍ୟକ୍ତିଙ୍କ ସହାୟତାରେ ଅନେକ ଗରୀବ ଝିଅମାନଙ୍କର ବାହାଘର କରି ତାଙ୍କର ଘର ବସାଇଛନ୍ତି। ଜାନୁଆରୀ ୨୬, ଅଗଷ୍ଟ ପନ୍ଦର ପ୍ରଭୃତି ଦିନ ମାନଙ୍କରେ ସେ ଦେଶପ୍ରେମର ବାର୍ତ୍ତା ସ୍କୁଲର ପିଲାମାନଙ୍କୁ ଦେଉଥିଲେ। ପୂଜାପାର୍ବଣ ଗୁଡ଼ିକରେ ଭଜନ, ଧ୍ୟାନ, ନୀରବତା, ସଞ୍ଚୟ ଅଭ୍ୟାସ ପ୍ରଭୃତିର ମହତ୍ୱ ଅକ୍ଷରେ ଅକ୍ଷରେ ବୁଝାଇ ଦେଉଥିଲେ। ତାଙ୍କୁ ଘରେ ବାହାରେ ସମସ୍ତେ ଏକ ପ୍ରାଣରେ ଭଲ ପାଉଥିଲେ। ମୋ ବାପା ମୋ ପାଇଁ ଏକନମ୍ବର ଭଗବାନ ଥିଲେ କାରଣ ସେ ସଚରାଚର ଜଗତରେ ଭଗବାନ ଦିବ୍ୟମାନ ଅଛନ୍ତି ବୋଲି ବୁଝାଇବା ସହିତ ଇତର ଜଗତର ସେବା କରୁଥିଲେ। ଭଗବାନଙ୍କ ପ୍ରଦତ୍ତ ପଞ୍ଚମହାଭୂତର (ଆକାଶ, ବାୟୁ, ଜଳ, ପୃଥିବୀ, ଅଗ୍ନି) କିପରି ବ୍ୟବହାର କରିବାକୁ ହୁଏ ତାହାକୁ ଶିକ୍ଷା ଦେଉଥିଲେ। ସମସ୍ତଙ୍କୁ ଭଲ ପାଇବା ଓ ସର୍ବଦା ଆନନ୍ଦରେ ରହିବାକୁ ଉପଦେଶ ଦେଉଥିଲେ। ମୋର କାଲିପରି ମନେ ଅଛି ଯେଉଁଦିନ ମୋ ରବାପା ତାଙ୍କର ଅବସର ନେବା ବିଷୟରେ ଘୋଷଣା କଲେ, ମାଙ୍କ ମନ ଦୁଃଖି ହୋଇଯାଇଥିଲା। ଏତେ ବଡ଼ ସଂସାର ଅଧା ପଇସାରେ ଚଳିବ କିପରି ବାପା କିନ୍ତୁ ଅବସର କଥାରେ ଖୁବ ଖସି। ଭାଇ, ବନ୍ଧୁ, କୁଟୁମ୍ବ ତାଙ୍କର ଛାତ୍ର ସମାଜର ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ଥାଇ କ୍ରନ୍ଦନ କରୁଥାନ୍ତି। ସମସ୍ତଙ୍କ ପାଟିରେ ଗୋଟିଏ କଥା, 'ଆପଣ କାହିଁକି ଆମକୁ ଛାଡ଼ି ଚାଲିଯାଉଛନ୍ତି। ଆପଣଙ୍କୁ ଖୁସି କରିବାରେ କେବେ ଅବହେଳା କରିଛୁକି ? ଆପଣ କୁହନ୍ତୁ ଆପଣଙ୍କୁ ଖୁସି କରିବାକୁ ଆମେ କଣ କରିବୁ ? ଦରକାର ପଡ଼ିଲେ ଆମର ସ୍ତ୍ରୀ ପିଲା ସମସ୍ତଙ୍କୁ ଛାଡ଼ି ତୁମ ପାଖକୁ ଚାଲି ଆସିବୁ। ଆମେ ଆମର ଚକ୍ଷୁ, ବୃକକ, ହୃଦୟ ସବୁ କିଛି ଦାନ କରିବାକୁ ରାଜି ଅଛୁ। ଦରକାର ପଡ଼ିଲେ ସମସ୍ତ ଧନ ମଧ ଆପଣଙ୍କୁ ଦେଇଦେବୁ ହେଲେ ଆପଣ ଆମକୁ ଛାଡ଼ି ଯାଆନ୍ତୁ ନାହିଁ। ମୋର ବାପା ଚିରନିଦ୍ରାରେ ଶୋଇଯିବା ପୂର୍ବରୁ ଯେଉଁ କେତୋଟି କଥା କହିଥିଲେ ତାହା ଆଜି ମଧ ମୋ ମନରେ ଝଙ୍କୃତ ହେଉଛି ତାହାଥିଲା 'ମୁଁ ତୁମକୁ କଷ୍ଟ ଦେବା ପାଇଁ ତୁମର ବାପା ହୋଇନଥିଲି। ମୁଁ ତୁମର ଧନ ସମ୍ପତ୍ତି କିଛି ଚାହୁଁ ନଥିଲି। ତୁମର ସ୍ତ୍ରୀ, ପିଲାଙ୍କୁ ଦୁଃଖ ପହଞ୍ଚାଇବା ପାଇଁ ମୁଁ ଆସି ନଥିଲି। ମୁଁ ତୁମ ମାନଙ୍କ ଠାରୁ ଏତିକି ଚାହୁଁଥିଲି, ତୁମେ ସବୁବେଳେ ସବୁ ସମୟରେ ଆନନ୍ଦରେ ରୁହ। ନିଃସ୍ୱାର୍ଥ ପ୍ରେମ ଓ ସେବାରେ ବ୍ରତୀ ହୁଅ।'

*ଅବସରପ୍ରାପ୍ତ ପ୍ରଧାନଶିକ୍ଷିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬*

# ଗ୍ରୀଷ୍ମଋତୁରେ ନବଜାତ ଶିଶୁର ଯତ୍ନ



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଗ୍ରୀଷ୍ମଋତୁରେ ନିଜର ଉଦ୍ୟାନରେ ଥିବା ଫୁଲଗଛ ଓ ଛୋଟ ଚାରାଗଛ ଗୁଡ଼ିକ ଝାଉଁଳି ପଡ଼ିବା ପରି ନବଜାତ ଶିଶୁ ଗୁଡ଼ିକ ଅତ୍ୟଧିକ ଗ୍ରୀଷ୍ମରେ ରୁଗ୍ଣ ହୋଇ ପଡ଼ିଥାନ୍ତି । ତେଣୁ ସେମାନଙ୍କର ଉପଯୁକ୍ତ ଯତ୍ନର ପ୍ରୟୋଜନ ରହିଛି । ଅତ୍ୟଧିକ ଉତ୍ତାପ ହେତୁ ଶୟନ କକ୍ଷରେ ଥାଇ ମଧ ଶିଶୁ ବ୍ୟସ୍ତ ହୋଇପଡ଼େ । ବୟସ୍କ ଶିଶୁମାନଙ୍କର ଦେହରୁ ଝାଳ ବାହାରି ଶରୀରକୁ ଶୀତଳ କରିବା ପଦ୍ଧତି ନବଜାତ ଶିଶୁଠାରେ ଶାରୀରିକ ଅପରିପକ୍ୱତା ହେତୁ ଦେଖାଯାଏ ନାହିଁ ତେଣୁ ଜଳ ଶୁଷ୍କତା ଦେଖାଯାଏ । ଏହା ଫଳରେ ଶରୀରର ଉତ୍ତାପ ବୃଦ୍ଧି ହୋଇଥାଏ, ଯାହାକୁ ଡିହାଇଡ୍ରେସନ ଫିଭର କୁହାଯାଏ । ତେଣୁ ଗ୍ରୀଷ୍ମ ଋତୁରେ ଜଳ ଶୁଷ୍କତା ହେତୁ ନବଜାତ ଶିଶୁକୁ ଜ୍ୱର ହୋଇପାରେ । ଛଅ ମାସରୁ କମ୍ ଶିଶୁକୁ ମା କ୍ଷୀର୍ ବ୍ୟତୀତ, ଜଳ ପିଇବାକୁ ଦିଆଯାଏ ନାହିଁ, ଛଅ ମାସରୁ ଅଧିକ ବୟସ୍କ ଶିଶୁକୁ ଜଳ ଦିଆଯାଇପାରେ । କିନ୍ତୁ ଶିଶୁ ଗ୍ରୀଷ୍ମଋତୁରେ ଅଧିକ ଥର କ୍ଷୀର ପିଇବା ଉଚିତ । ଯେପରି ତାର ପରିସ୍ରା ଦିନରେ ସାତଥରରୁ ଅଧିକ ହେଉଥିବ । ଶିଶୁଟିକୁ ସୂତାର ଢ଼ିଲା ଜାମା ପିନ୍ଧାଯାଇପାରେ । ମୋଟା ଚିପା ଡ୍ରେସ ପିନ୍ଧାଇବା ଉଚିତ ନୁହେଁ ବାହାରକୁ ନେବା ବ୍ୟତୀତ ଘର ଭିତର ଡାଆପ୍ର ବ୍ୟବହାର କରିବା ଭଲ । ଶିଶୁମାନଙ୍କର ଶରୀର ଜଳୀୟ ଅଂଶ ଅଧିକ ରହିଥାଏ । ଶତକଡ଼ା ଅଶୀ ପ୍ରତିଶତ ଗ୍ରୀଷ୍ମଋତୁରେ ଓ୍ୟାର୍ମର କିମ୍ବା ଫଟୋଥେରାପି ବ୍ୟବହାର କରାଯାଇଥାଏ । ସେଥିପାଇଁ ଦଶ ପ୍ରତିଶତ ଅଧିକ ଜଳ ଦେବା ଉଚିତ ଯାହାକି ଅଧିକ ଥର କ୍ଷୀର ପିଆଇ କିମ୍ବା ସାଲାଇନ୍ ଆକାରରେ ଦିଆଯାଇପାରେ । ସୁସ୍ଥ ଶିଶୁକୁ ଦିନକୁ ଥରେ ଗାଧୋଇ ଦେବା ଭଲ । ଛଅ ମାସରୁ କମ୍ ଶିଶୁଙ୍କୁ କେବଳ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ସାବୁନ ଲଗାଇବା ଭଲ, ଦେହରେ ବିଶେଷକରି ବେକତଳ କାଖତଳ ଓ ଅଣ୍ଟାତଳକୁ ବେବି ପାଉଡର ବ୍ୟବହାର କରାଯାଇପାରେ । ବେକତଳ ଝାଳ ଓ ଓଦା ହୋଇ ଘା ହୋଇ ଯାଇପାରେ । ଏଥିରେ ଆଣ୍ଟି ଫଙ୍ଗାଲ କ୍ରିମ କିମ୍ବା ପାଉଡର ବ୍ୟବହାର କରିବା ଉଚିତ । ନବଜାତକୁ ଖରା ସମୟରେ ବାହାରକୁ ନେବା ଉଚିତ ନୁହେଁ । ଅତି ଦରକାର ଥିଲେ ସନ୍‌ସ୍କ୍ରିନ ଲୋଶନ ମୁଖ ମଣ୍ଡଳ ବ୍ୟତୀତ ଖୋଲା ସ୍ଥାନମାନଙ୍କରେ ବ୍ୟବହାର କରାଯାଇପାରେ । ଗୃହର ପରିବେଶକୁ ଶୀତଳ ରଖିବା ଉଚିତ । ଛାତ ଉପରେ ଛଣ ପକାଇ ପଙ୍ଖା ଲଗାଇ ଏପରିକି ଷ୍ଟ୍ରମ ପରିମାଣ ଥଣ୍ଡା କରି ଏସି ଅଠେଇଶ ଡିଗ୍ରୀ ସେଲସିୟସ ଚଲାଯାଇପାରେ । ଗ୍ରୀଷ୍ମ ଋତୁରେ ଜ୍ୱର ତରଳଝାଡ଼ା, ବଥ, ଘା, ଘିମିରି, ଶ୍ୱାସପଥ ସଂକ୍ରମଣ, ଚର୍ମ ରୋଗ ଶିଶୁମାନଙ୍କ ଠାରେ ଅଧିକ ଦେଖାଯାଇଥାଏ । ମ୍ୟାଲେରିଆ, ଚିକେନଗୁନିଆ, ଡେଙ୍ଗୁ ଦେଖାଯାଇଥାଏ । ମଶାରୀ ବ୍ୟବହାର ଅତ୍ୟନ୍ତ ଜରୁରୀ । ଜଳ ଶୁଷ୍କତା ଓ ଅଂଶୁଘାତ ରୋଗ ମଧ ଏହି ସମୟରେ ଅତି ସାଂଘାତିକ ରୋଗ । ତେଣୁ ଶିଶୁ ଅଧିକ ଖରା ସମୟରେ ବାହାରକୁ ଆଣିବା ଅନୁଚିତ । ଗ୍ରୀଷ୍ମଋତୁରେ ଶିଶୁକୁ ଏନ୍ତୁଡ଼ି ନିଆଁରେ ସେକିବା ଉଚିତ ନୁହେଁ । ଶିଶୁକୁ ଠିକ୍ ଭାବେ ନଖାଇଲେ, ଶରୀର ଉତ୍ତାପ ସଇଁତିରିଶ ଡିଗ୍ରୀ ସେଲସିୟସରୁ ଅଧିକ ରହିଲେ, ଶିଶୁର ପିହୁଳ ମାରିଲେ କିମ୍ବା ନିସ୍ତେଜ ରହିଲେ କିମ୍ବା ଝାଡ଼ାରେ ରକ୍ତ ପଡ଼ିଲେ ଶୀଘ୍ର ଶିଶୁରୋଗ ବିଶେଷଜ୍ଞଙ୍କୁ ଦେଖାଇବା ଉଚିତ । ବାସ୍ତବ କଥା ହେଉଛି ଗ୍ରୀଷ୍ମ ଦିନ ହୋଇଥିଲେ ବି ନବଜାତ ଶିଶୁଟିର ପିତାମାତା ବା ତା'ପରିବାରର ଲୋକେ ସଚେତନ ହୋଇ କୁନି ପିଲାଟିର ସ୍ୱାସ୍ଥ୍ୟର ସମସ୍ତ ଦିଗ ପ୍ରତି ଦୃଷ୍ଟି ଦେଲେ ପିଲାଟିର କୌଣସି ରୋଗ ବା କ୍ଷତି ହେବନାହିଁ । ଅନେକ ସମୟରେ ଦେଖାଯାଏ ନବଜାତ ଶିଶୁର ଦେହ ଖରାପ ହେବା ମାତ୍ରେ ସର୍ବପ୍ରଥମ ଶିଶୁରୋଗ ବିଶେଷଜ୍ଞଙ୍କୁ ପରାମର୍ଶ ନକରି କାନକୁହା କଥା ଶୁଣି ତୁଟୁକା ତୁଟୁକି ବା ଘରୋଇ ଚିକିତ୍ସା ଆରମ୍ଭ କରିଦେଇଥାନ୍ତି । ତେବେ ପରବର୍ତ୍ତୀ ସମୟରେ ପିଲାଟି ପାଇଁ ଏହା କ୍ଷତିକାରକ ସାବ୍ୟସ୍ତ ହୋଇ ଶିଶୁରୋଗ ବିଶେଷଜ୍ଞଙ୍କ ପାଖକୁ ପହଞ୍ଚିଲାବେଳକୁ ପିଲାଟିର ଦେହ ଅଧିକ ବିଗିଡ଼ିଯାଇପାରେ । ରାଜ୍ୟସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପିଲାଟି ତା ମାଆର ଗର୍ଭରେ ଭୂମିଷ୍ଠ ହେବା ପରଠାରୁ ପିଲା ଜନ୍ମ ହେବା ପର୍ଯ୍ୟନ୍ତ ବିଭିନ୍ନ ସହାୟକ ଓ ସହଯୋଗୀ ସୁବିଧାର ସୁବ୍ୟବସ୍ଥା ହୋଇଛି । ନିପଟ ମଫସଲର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ହେଉ ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା ବା ରାଜ୍ୟର ବଡ଼ ମେଡ଼ିକାଲ ଏହାସହ ଶିଶୁରୋଗ ପାଇଁ ସବୁଠାରୁ ଅଧିକ ଉପଲବ୍ଧ ବ୍ୟବସ୍ଥା ଥିବା ଶିଶୁଭବନରେ ସରକାର ସମସ୍ତ ପ୍ରକାର ଶିଶୁ ଚିକିତ୍ସାର ପ୍ରାଥମିକ ପରୀକ୍ଷା ଠାରୁ, ପରାମର୍ଶ ବିନା ମୂଲ୍ୟରେ ଔଷଧ ବିତରଣ ସହ ଏପରିକି ଆବଶ୍ୟକ ହେଲେ ସର୍ଜରୀର ସୁବନ୍ଦୋବସ୍ତ ରହିଛି । ଏହାର ଫାଇଦା ନିତ୍ୟାନ୍ତ ନେବା ଜରୁରୀ । ହଁ, ଗ୍ରୀଷ୍ମ ଦିନେ ପିଲାଟି ପାଇଁ ସବୁଠାରୁ ବଡ଼କଥା ହେଉଛି ପିଲାଟିକୁ ଅତ୍ୟଧିକ ଗରମ ହେଉଥିବା ଘରେ ରଖନ୍ତୁ ନାହିଁ କିମ୍ବା ଶୀତତାପ ନିୟନ୍ତ୍ରିତ ଥିବା କୋଠରୀରେ ଅଧିକ ସମୟ ରଖନ୍ତୁ ନାହିଁ । ଏ କ୍ଷେତ୍ରରେ ଶିଶୁରୋଗ ବିଶେଷଜ୍ଞଙ୍କ ସମସ୍ତ ପରାମର୍ଶକୁ ଟିକିନିଖି ଭାବରେ ପାଳନ କରିବା ନିତ୍ୟାନ୍ତ ଜରୁରୀ । ନବଜାତ ଶିଶୁଟିର ଆର୍ବିଭାବ ଘରର ସମସ୍ତଙ୍କ ପାଇଁ ଆନନ୍ଦ ଓ ଉଲ୍ଲାସର ମହୋତ୍ସବ ସୃଷ୍ଟି କରିଥାଏ କିନ୍ତୁ ଆପଣମାନଙ୍କ ସାମାନ୍ୟ ଭୁଲ ବା ତ୍ରୁଟି ପାଇଁ ସେହି ଖୁସିରେ ଯେପରି କୌଣସି ବାଧା ନଆସେ ଏହାକୁ ସମସ୍ତେ ଚିନ୍ତା କଲେ ଦେଖିବେ ନବଜାତ ପିଲାଟିକୁ ନେଇ ଆପଣଙ୍କ ଖୁସି ବରଂ ଆହୁରି ବଢ଼ିଚାଲିବ ।

*ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,*
*ଫକୀରମୋହନ ମେଡ଼ିକାଲ କଲେଜ,*
*ବାଲେଶ୍ୱର,*
*ଦୂରଭାଷ : ୯୪୩୭୧୨୪୦୭୪*

# ଏବେ ମଧ୍ୟ ସାମ୍ରାଜ୍ୟବାଦୀ ମାନସିକତାର ନିଶାରେ ବ୍ରିଟେନ



ଡ .ସମନ୍ୱୟ ନନ୍ଦ

ବୋଧ ହୁଏ ବ୍ରିଟିଶ ମାନଙ୍କର ସାମ୍ରାଜ୍ୟବାଦୀ ମାନସିକତାର ହ୍ୟାଙ୍ଗ ଓଭର ଏବେ ମଧ୍ୟ ରହିଛି । ସେମାନେ ପୂର୍ବରୁ କହୁଥିଲେ ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟ କେବେ ଅସ୍ତ ହୁଏ ନାହିଁ। ବୋଧ ହୁଏ ଗୋରା ମାନଙ୍କର ସେହି ମାନସିକତା ଆଜି ମଧ୍ୟ ରହିଛି । ସେମାନେ ଏବେ ମଧ୍ୟ ନିଜକୁ ସେହି ମାନସିକତାରେ ରଖିଛନ୍ତି । ଏବେର ଘଟଣାରୁ ଏହା ହିଁ ସ୍ପଷ୍ଟ ହେଉଛି । ଭାରତକୁ ଅନେକ ବର୍ଷ ଧରି ଶାସନ କରିଥିବା ଓ ଭାରତରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଲୁଣ୍ଠନ କରି ବିକଶିତ ଦେଶରେ ପରିଣତ ହୋଇଥିବା ବ୍ରିଟେନର ଏକ ସଂସ୍ଥା ରହିଛି ଯାହାର ନାମ ହେଉଛି ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ ବା ବିବିସି । ଏହି ସଂସ୍ଥା ପକ୍ଷରୁ ଏକ ଡକ୍ୟୁମେଂଟାରୀ ଜାରୀ କରା ଯାଇଛି । ଡକ୍ୟୁମେଂଟାରୀର ନାମ ହେଉଛି – ଇଣ୍ଡିଆ ଦି ମୋଦୀ କ୍ୱେଶ୍ଚେନ । ଦୁଇଟି ପାର୍ଟରେ ଏହି ଡକ୍ୟୁମେଂଟାରୀ ପ୍ରସ୍ତୁତ କରା ଯାଇଛି । ଏହି ଡକ୍ୟୁମେଂଟାରୀରେ ୨୦୦୨ ମସିହାରେ ଗୁଜରାତରେ ହୋଇଥିବା ଦଙ୍ଗା ପାଇଁ ଗୁଜରାତର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦାୟୀ କରା କରି ପ୍ରଦର୍ଶିତ କରା ଯାଇଛି । ଏହି ଡକ୍ୟୁମେଂଟାରୀରେ କୌଣସି ତଥ୍ୟ – ପ୍ରମାଣ ନାହିଁ । ମୋଦୀ ଓ ଭାରତ ବିରୋଧୀ ବୋଲି ଧରା ଯାଉଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟ ମାନଙ୍କର ବକ୍ତବ୍ୟ ଓ ଅନ୍ୟ ମାନଙ୍କ ବକ୍ତବ୍ୟକୁ ନେଇ ଏ ଭଳି ଏକ ଚିତ୍ର ପ୍ରସ୍ତୁତ କରିବାକୁ ଚେଷ୍ଟା କରା ଯାଉଛି । ଏହି ମାମଲାରେ ତଳ କୋର୍ଟ ଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ଯାଏ, ସୁପ୍ରିମକୋର୍ଟର ତଦାରଖରେ ଏସଆଇଟି ଦ୍ୱାରା ଜାଂଚ କରା ଯିବା ପରେ ନରେନ୍ଦ୍ର ମୋଦୀ ଯେ ଏହି ମାମଲାରେ କୌଣସି ପ୍ରକାର ଭୁଲ ନ ଥିଲା ଓ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ତାହା ସ୍ପଷ୍ଟ ହୋଇ ସାରିଛି । କଂଗ୍ରେସର ଶାସନକାଳରେ ଜଣେ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କୁ ୯-୯ ଘଂଟା ପଚାରା ଉଚୁରା କରା ଯାଇଥିଲା । ସମସ୍ତ ଜାଂଚ ପରେ ତାଙ୍କୁ କ୍ଲିନ ଚିଟ ଦିଆ ଯାଇଥିଲା । ବିବିସି ଏଭଳି ଏକ ଡକ୍ୟୁମେଂଟାରୀ ପ୍ରସ୍ତୁତ କରି ଭାରତର ପୋଲିସ-ଆଇନ ଓ ନ୍ୟାୟ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠା ଯାଇଛି । ବିଶ୍ୱର ସବୁଠାରୁ ବଡ ଗଣତନ୍ତ୍ରର ଶାସନ ବ୍ୟବସ୍ଥାକୁ ବିନା କୌଣସି ତଥ୍ୟ ପ୍ରମାଣରେ ପକ୍ଷପାତୀ ଭାବେ ପ୍ରଶ୍ନ ଉଠା ଯାଇଛି । ଏବେ ପ୍ରଶ୍ନ ଉଠୁଛି ଯେ ବିବିସି ଦୀର୍ଘ ୨୦ ବର୍ଷ ପରେ ଏପରି କାହିଁକି କଲା । ବିବିସି ସଂସ୍ଥା ହେଉଛି ବ୍ରିଟେନର ସରକାରୀ ସଂସ୍ଥା । ବ୍ରିଟେନର ଗୋରା ମାନେ ଆମ ଉପରେ ଦୀର୍ଘ ଦିନ ଧରି ରାଜୁତି କରିଥିଲେ । ଭାରତର ଲୋକ ମାନଙ୍କୁ ଶୋଷଣ କରି ଧନ- ସମ୍ପଦ- ବୈଭବକୁ ଲୁଣ୍ଠନ କରି ନେଇଥିଲେ । ଯେତେବେଳେ ସେମାନେ ଭାରତ ଛାଡି ଯିବାକୁ ବାଧ୍ୟ ହେଲେ ସେତେବେଳେ ସେମାନେ ତଥାପି ଭାବୁଥିଲେ ଯେ ଭାରତ ନିକଟରେ ପୁଣି ଥରେ ସାରା ବିଶ୍ୱକୁ ନେତୃତ୍ୱ କରିବାର ସାମର୍ଥ୍ୟ ରହିଛି । ତେଣୁ ସେମାନେ ଭାରତକୁ ବିଭାଜିତ କରି ପାକିସ୍ତାନ ତିଆରି କଲେ ଯଦ୍ଦ୍ୱାରା ପାକିସ୍ତାନ ଭାରତକୁ ହଇରାଣ କରିବ ଓ ଭାରତ ଆଗକୁ ବଢି ପାରିବ ନାହିଁ ସେମାନେ ଆଉ ଏକ କାମ କରିଥିଲେ । ସେମାନେ ଭାରତ ଛାଡି ଗଲା ବେଳେ ଯେଉଁ ଲୋକ ମାନଙ୍କ ହାତରେ ଶାସନ କ୍ଷମତା ଦେଇଥିଲେ ସେମାନେ ଯଦିଓ ଭାରତୀୟ ଥିଲେ, ହେଲେ ସେମାନଙ୍କର ଭାରତୀୟ ସଂସ୍କୃତି, ପ୍ରତୀକ ଓ ପରମ୍ପରାରେ କୌଣସି ବିଶ୍ୱାସ ନ ଥିଲା । ସେମାନେ ଭାରତୀୟତାକୁ ଅତ୍ୟନ୍ତ ହୀନ ଓ ଘୃଣା ଦୃଷ୍ଟିରେ ଦେଖୁଥିଲେ । ସେମାନେ ଭାରତକୁ ଭାରତର ମୂଳ ପରିଚୟ ଆଧାରରେ ନୁହେଁ ବରଂ ଗୋରା ମାଲିକ ମାନଙ୍କର ଚିନ୍ତନ ସେମାନଙ୍କର ବ୍ୟବସ୍ଥା ଆଧାରରେ ଗଢିବାକୁ ଲାଗିଥିଲେ । ବ୍ରିଟେନର ଗୋରା ମାନଙ୍କୁ ଏଭଳି ନେତୃତ୍ୱ ହାତରେ ଭାରତର ଶାସନ କ୍ଷମତା ଦେବାରେ କୌଣସି ଅସୁବିଧା ନ ଥିଲା, କାରଣ ସେମାନେ ଜାଣିଥିଲେ ଯେ ଏହା ଦ୍ୱାରା ପ୍ରକାରାନ୍ତରେ ତାଙ୍କର ଶାସନ ହିଁ ଚାଲୁ ରହିବ । ଏଭଳି ଦୀର୍ଘ ସମୟ ଧରି ଚାଲୁ ମଧ୍ୟ ରହିଥିଲା । ହେଲେ ୨୦୧୪ ମସିହାରେ ସବୁ କିଛି ଓଲଟା ପାଲଟା ହୋଇ ଗଲା । ୨୦୧୪ ମସିହା ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ଦେଶର ୧୩୦ କୋଟି ଜନସାଧାରଣ ଏଭଳି ଏକ ସରକାରକୁ ନିର୍ବାଚିତ କଲେ ଯାହା ଏହି ଦେଶର ମାଟି, ସଂସ୍କୃତି ସଭ୍ୟତା, ପ୍ରତୀକରୁ ପ୍ରେରଣା ଲାଭ କରୁଥିଲା, ଗୋରା ମାନଙ୍କ ଠାରୁ ନୁହେଁ । ଏହା ବ୍ରିଟେନର ଗୋରା ମାନଙ୍କ ପାଇଁ ତଥା ଭାରତରେ ଥିବା ସେମାନଙ୍କର ମାନସିକ ଭାବେ ଗୋଲାମ ମାନଙ୍କ ଏକ ଶକ୍ତ ଧକ୍କା ଥିଲା । ସେମାନେ ଏହାକୁ ହଜମ କରି ପାରୁ ନ ଥିଲେ । ୨୦୧୪ ମସିହା ପରେ ୨୦୧୯ ମସିହାରେ ମଧ୍ୟ ଏହି ସରକାରକୁ ଲୋକ ମାନେ ପୁଣି ଥରେ ଜିତାଇଲେ । ଏହା ଗୋରା ମାନଙ୍କ ପାଇଁ ଓ ଭାରତରେ ଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟ ମାନଙ୍କ ପାଇଁ ଅସହ୍ୟ ଥିଲା । ଏବେର ସରକାର ଭାରତର ପୁରାତନ ସଭ୍ୟତା, ସଂସ୍କୃତି ଆଧାରରେ ଅଗ୍ରସର ହେଉଛି । କେବଳ ସେତିକି ନୁହେଁ ଭାରତର ସାଂସ୍କୃତିକ ଉତଥାନ ସହିତ ଭାରତ ଆର୍ଥିକ ପ୍ରଗତି ମଧ୍ୟ ଦୃତ ଗତିରେ କରୁଛି । ଏବେ ଭାରତ ଗୋରା ମାନଙ୍କ ଆଗରେ ଆଖିରେ ଆଖି ମିଶାଇ କଥା କହୁଛି ଓ ତାଙ୍କୁ ଉଚିତ ଜବାବ ଦେଉଛି । ଆର୍ଥିକ ମାମଲାରେ ଭାରତ ବ୍ରିଟେନକୁ ମଧ୍ୟ ପଛରେ ପକାଇ ସାରିଲାଣି । ଯେଉଁ ଦେଶଉପରେ ଦୀର୍ଘ ଦିନ ଧରି ଗୋରା ମାନେ ଶାସନ କରିଥିଲେ ତାର ଏଭଳି ପ୍ରଗତି ହେବାକୁ ଦେଖିବା ତାଙ୍କ ପକ୍ଷେ ସହ୍ୟ ହେଉ ନାହିଁ ।

ଏବେ ଏହି ଶକ୍ତି ମାନେ ତାଙ୍କ ଦେଶର ଏହି ବିବିସି ନାମକ ଉପରକରଣ ଜରିଆରେ ଏହି ଡକ୍ୟୁମେଂଟାରୀ ଜାରି କରିଛନ୍ତି । ଏହି ଡକୁମେଂଟାରୀ ଆସିବା ପରେ ଭାରତରେ ବସିଥିବା ତାଙ୍କର ମାନସପୁତ୍ର ମାନେ ଖୁସିରେ ନାଚ –ଗୀତ କରିବା ଓ ଡେଇଁବା ଆରମ୍ଭ କରି ଦେଇଛନ୍ତି । ସେମାନଙ୍କର ଖୁସିର ସୀମା ନାହିଁ । ତେବେ ଭାରତର ଲୋକ ମାନେ ଏହାକୁ ଭଲ ଭାବେ ବୁଝି ସାରିଛନ୍ତି । ତେଣୁ ଏହି ନାଚକୁଦ କରୁଥିବା ଗୋଷ୍ଠୀକୁ ଏଥିରୁ କୌଣସି ଲାଭ ହେବ, ସେପରି ଲାଗୁ ନାହିଁ। ଚୀନର ସରକାରୀ ସମ୍ବାଦପତ୍ର ଗ୍ଲୋବାଲ ଟାଇମ୍ସ ଖୋଲା ଖୋଲି ଭାବେ ଭାରତ ବିରୋଧୀ । ତେବେ ଏହି ସମ୍ବାଦପତ୍ରର ଏକ ସ୍ତମ୍ଭଲେଖକ ଏହି ପ୍ରସଙ୍ଗକୁ ନେଇ ଯାହା ଲେଖିଛନ୍ତି ତାହା ଯଥାର୍ଥ ଭଳି ମନେ ହେଉଛି । ସେ ଲେଖିଛନ୍ତି – "ଭାରତ ଉପରେ ଅଧିରାଜତ୍ୱ ଥିବାର ମାନସିକତା ବ୍ରିଟେନ ମଧ୍ୟରେ ଏବେ ମଧ୍ୟ ରହିଛି । ବ୍ରିଟେନର ଅଧୀନରେ ଥିବା ଏକ ଦେଶ ଭାରତ ଯେତେବେଳେ ତାଙ୍କୁ ଜିଡିପି କ୍ଷେତ୍ରରେ ପଛରେ ପକାଇ ଦେଇଛି ସେତେବେଳେ ବ୍ରିଟେନକୁ ଏହା ମାନସିକ ଭାବେ କଷ୍ଟ ଦେଉଛି। ଭାରତ ଯେତେ ବିକଶିତ ହେବ ବ୍ରିଟେନର କଷ୍ଟ ବଢି ବଢି ଚାଲିବ ।" ବର୍ତ୍ତମାନର ଘଟଣା ଉପରେ ଚୀନର ସ୍ତମ୍ଭ ଲେଖକଙ୍କ ଏହି ବ୍ୟାଖ୍ୟା ଠାରୁ ଯଥାର୍ଥ ବ୍ୟାଖ୍ୟା ବୋଧ ହୁଏ ଆଉ ହୋଇ ନ ପାରେ । ଯେଉଁ ଦେଶ ତାଙ୍କର ଅଧୀନରେ ଥିଲା ସେହି ଦେଶ ଆଜି ତାଙ୍କ ଠାରୁ ଆର୍ଥିକ ଦୃଷ୍ଟିରେ ଆଗକୁ ଚାଲିଗଲାଣି । ତେଣୁ ଗୋରା ମାନେ ଛଟପଟ ହେବା ସ୍ୱାଭବିକ ।

ଭାରତ ସରକାର ଏହାକୁ ନେଇ ଅତ୍ୟନ୍ତ କଠୋର ପ୍ରତିକ୍ରିୟା ଦେଇଛନ୍ତି । ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଅରିନ୍ଦନ ବାଗଚୀ ଏ ସମ୍ପର୍କରେ ପଚାରା ଯାଇଥିବା ପ୍ରଶ୍ନର ଉତ୍ତରରେ କହିଛନ୍ତି – "ମୋତେ ସ୍ପଷ୍ଟ କରିବାକୁ ଦିଅନ୍ତୁ ଆମ ମତରେ ଏହା ଏକ ପ୍ରପାଗଣ୍ଡା ପିସ୍ ଅଟେ । ଏହାର ଉଦ୍ଦେଶ୍ୟ ଏଭଳି ଏକ ନ୍ୟାରେଟିଭକୁ ପ୍ରସ୍ତୁତ କରିବା ଯାହାକୁ ଲୋକ ମାନେ ବହୁ ପୂର୍ବରୁ ଖାରଜ କରି ସାରିଛନ୍ତି । ଏଭଳି ଫିଲ୍ମ ବା ଡକ୍ୟୁମେଂଟାରୀ ତିଆରି କରିଥିବା ଏଜେନ୍ସୀ ଓ ବ୍ୟକ୍ତି ଏହି ନ୍ୟାରେଟିଭକୁ ପୁଣି ଥରେ ଚଳାଇବାକୁ ଚାହୁଁଛନ୍ତି । "

ଏହି ଡକ୍ୟୁମେଂଟାରୀକୁ ନେଇ ଭାରତରେ ଗୋରାଙ୍କର ମାନସିକ ଗୋଲାମ ମାନେ ହିଁ ଖୁସିରେ ନାଚୁଛନ୍ତି ତା ନୁହେଁ ବ୍ରିଟେନ ସଂସଦରେ ପାକିସ୍ତାନ ବଂଶୋଦ୍ଭବ ସାଂସଦ ଇମରାନ ହୁସେନ ମଧ୍ୟ ନାଚିବା ଆରମ୍ଭ କରି ଦେଇଛନ୍ତି ହେଲେ ବ୍ରିଟେନର ପ୍ରଧାନମନ୍ତ୍ରୀ ଋଷି ସୁନକ ଏହି ପାକିସ୍ତାନୀ ବଂଶୋଦ୍ଭବ ସାଂସଦଙ୍କୁ ଚୁପ କରାଇ ଦେଇଥିଲେ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ପର୍କରେ ଚରିତ୍ରିକରଣ ସହ ସେ ସହମତ ନାହାନ୍ତି । ଏହା କେବଳ ହୁସେନଙ୍କୁ ଚାପୁଡା ନଥିଲା ଡକ୍ୟୁମେଂଟାରୀ ତିଆରି କରିଥିବା ଗୋରା ମାନଙ୍କୁ ମଧ୍ୟ ଚାପୁଡା ଥିଲା ।

ତେବେ ଗୋଟିଏ କଥା ସ୍ପଷ୍ଟ ଯେ ଭାରତ ଯେତେ ଅଗ୍ରସର ହେବ ଗୋରା ମାନେ ସେତେ ଛଟପଟ ହେବେ । ସେମାନେ ଆଗାମୀ ଦିନରେ ଏଭଳି ଆହୁରି ଆକ୍ରମଣ କରିବେ । ଭାରତବାସୀଙ୍କୁ ଏଥି ପାଇଁ ପ୍ରସ୍ତୁତ ରହିବାକୁ ପଡିବ ।

# ମୋଦି-ଟ୍ରମ୍ପ ଆଲୋଚନା

ସୌମେନ୍ଦ୍ର ଜେନା

ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ନ ଦେବାକୁ କେନ୍ଦ୍ରକରି ଭାରତରେ ବିରୋଧୀ ଦଳ ଲୋକେ କାହିଁ କେତେ କଣ ଆଲୋଚନା କଲେ । ପ୍ରଧାନମନ୍ତ୍ରୀଙ୍କୁ ଡୋନାଲ୍‌ଡ ଟ୍ରମ୍ପ ନିମନ୍ତ୍ରଣ ନକରି ଚୀନର ରାଷ୍ଟ୍ରପତି ଏବଂ ଅନ୍ୟାନ୍ୟ ଦେଶର ରାଷ୍ଟ୍ରମୁଖ୍ୟଙ୍କୁ ନିମନ୍ତ୍ରଣ କରି ମୋଦିଙ୍କ ଗୁରୁତ୍ୱ ହ୍ରାସ କଲେ ବୋଲି କହିଲେ । ଦ୍ୱିତୀୟବାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବାପରେ ଦୁଇଦେଶର ସଂପର୍କ ପୂର୍ବାପେକ୍ଷା ଦୁର୍ବଳ ହେବ ବୋଲି ପ୍ରଚାର କରାଗଲା । କିନ୍ତୁ ଟ୍ରମ୍ପ ଶପଥ ଗ୍ରହଣ କରିବା ପରେ ପ୍ରଥମେ ଯେଉଁ ବିଶ୍ୱ ନେତୃବୃନ୍ଦଙ୍କୁ ଆମେରିକାକୁ ଆଲୋଚନା ପାଇଁ ନିମନ୍ତ୍ରଣ କଲେ ସେମାନଙ୍କ ମଧ୍ୟରେ ନରେନ୍ଦ୍ର ମୋଦି ରହିଥିଲେ । ତଦନୁସାରେ ଫେବୃଆରୀ ୧୩ତାରିଖରେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଗସ୍ତରେ ଯାଇ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ଅନେକ ସଂଶୟ ଦୂର କରିବାପାଇଁ ସକ୍ଷମ ହୋଇଛନ୍ତି । ଟ୍ରମ୍ପଙ୍କ ଆତିଥ୍ୟ ମୋଦିଙ୍କ ପାଇଁ ପୂର୍ବବତ୍ ରହିଛି । ସେଥିରେ ବିଶେଷ କିଛି ପରିବ ନ ଆସିନାହିଁ । କିନ୍ତୁ ଇତି ମଧ୍ୟରେ ଟ୍ରମ୍ପ ମୋଦିଙ୍କ ନୀତିକୁ ଆମେରିକାରେ ଲାଗୁକରିବା ପାଇଁ ନିଜର ନୀତି ପ୍ରସ୍ତୁତ କରିଛନ୍ତି । ଅନେକ କଠୋର ଘୋଷଣା ମଧ୍ୟ କରିଛନ୍ତି ।

ଏକଥା ସତ ଯେ ୨୦୨୦ରେ ଟ୍ରମ୍ପ ଷଡଯନ୍ତ୍ରପୂର୍ଣ୍ଣ ନିର୍ବାଚନରେ ବାଇଡେନଙ୍କଠାରୁ ପରାସ୍ତ ହେବାପରେ ଅନେକ ଆତ୍ମସମୀକ୍ଷା କରିଛନ୍ତି । ନିର୍ବାଚନରୁ ତାଙ୍କୁ ଦୂରେଇ ରଖିବା ପାଇଁ ଚରିତ୍ରକୁ କେନ୍ଦ୍ର କରି ମାମଲାଠାରୁ ଆରମ୍ଭକରି ଦୁର୍ନୀତି ପର୍ଯ୍ୟନ୍ତ ମାମଲା ମଧ୍ୟ ଆସିଛି । ସେସବୁ ଅଗ୍ନିପରୀକ୍ଷାରେ ଉ ର୍ତ୍ତ୍ଣ ହୋଇ ପୁନର୍ବାର ନିଜକୁ ରିପବ୍ଲିକାନ ଦଳର ସର୍ବଶ୍ରେଷ୍ଠ ପ୍ରାର୍ଥୀ ଭାବେ ପ୍ରମାଣିତ କରିବାପରେ ହତ୍ୟାର ଶିକାରରୁ ଅଳ୍ପକେ ବ ଛନ୍ତି । ବାଇଡେନ ଯେପରି ନିଜ ଶାସନ କାଳରେ ଇସଲାମିଷ୍ଟ,ଜିହାଦୀ, କମ୍ୟୁନିଷ୍ଟମାନଙ୍କ ପ୍ରଭାବ ବୃଦ୍ଧି କରିବାକୁ ସଂଖ୍ୟାଧିକ ଅନୁପ୍ରବେଶକାରୀଙ୍କୁ ଆମେରିକାରେ ପ୍ରବେଶ କରିବାର ସୁଯୋଗ ଦେଇ ଦେଶକୁ ଏକ ଧର୍ମଶାଳାରେ ପରିଣତ କରିଥିଲେ ଟ୍ରମ୍ପ ସେଥିରେ ବ୍ରେକ୍ କଷିଛନ୍ତି । ଆମେରିକାରେ ଆମେରିକାବାସୀଙ୍କ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେବା ସହ ସେମାନଙ୍କ ଧନ-ଜୀବନ ଓ ରୋଜଗାରର ସୁରକ୍ଷାକୁ ଜୋର୍ ଦେଇଛନ୍ତି । ଆମେରିକାର ଅର୍ଥନୀତିକୁ ଦୁର୍ବଳ କରି ଅଧିକରୁ ଅଧିକ ବିଦେଶରୁ ହେଉଥିବା ଆମଦାନୀକୁ ହ୍ରାସ କରିବାପାଇଁ ମୋଦିଙ୍କ 'ଆତ୍ମନିର୍ଭର ଭାରତ' ଅଭିଯାନ ପରି ଆମେରିକା –କୈନ୍ଦ୍ରିକ ଉତ୍ପାଦନ ଉପରେ ଅଧିକ ଜୋର ଦେଇଛନ୍ତି । ମୋଦିଙ୍କ ଦୁର୍ନୀତିମୁକ୍ତ ପ୍ରଶାସନିକ ଅଭିଯାନ ପରି ଆମେରିକାର ପ୍ରଶାସନରେ ସ୍ୱଚ୍ଛତା ଆଣିବାକୁ ଚେଷ୍ଟା କରିଛନ୍ତି । ମୋଦିଙ୍କ ସଦୃଶ ନିର୍ବାଚନରେ ସମ୍ବିଧାନର ହତ୍ୟା, ଗଣତନ୍ତ୍ରର ହତ୍ୟାପରି ବିରୋଧୀଙ୍କ ଅଭିଯୋଗକୁ ମଧ୍ୟ ସାମ୍ନା କରିଛନ୍ତି । ପୃଥିବୀରେ ଅନେକ ଦେଶରେ ଗଣତନ୍ତ୍ରକୁ ହତ୍ୟା କରିବାକୁ ବାଇଡେନ କିପରି ୟୁକ୍ରେନ ମାମଲାକୁ ଅସ୍ତ୍ର କରି ବିଶ୍ୱକୁ ଅସ୍ଥିର କରିଛନ୍ତି ତାହା ମଧ୍ୟ ସେ ଖୋଲି କହିଛନ୍ତି । ଗାଜାରେ ସନ୍ତ୍ରାସବାଦୀଙ୍କୁ କଣ୍ଡୋମ ଯୋଗାଇଥିବା ବାଇଡେନ କିପରି ଆଫ୍ରିକାରୁ ଏସିଆ, ୟୁରୋପରୁ ଦକ୍ଷିଣ ଆମେରିକା ପର୍ଯ୍ୟନ୍ତ ଆମେରିକାର ବିଦେଶନୀତିକୁ ଦୁର୍ବଳ କରିଥିଲେ ଟ୍ରମ୍ପ ତାହା ପ୍ରକାଶ କରିଛନ୍ତି । ଗୋଟିଏ ପଟେ ଆଫଗାନିସ୍ଥାନ, ଶ୍ରୀଲଙ୍କା, ମ୍ୟାନମାର, ବଙ୍ଗଳାଦେଶରେ ଅସ୍ଥିରତା ସୃଷ୍ଟି କରିଥିବା ବାଇଡେନଙ୍କ ଷଡଯନ୍ତ୍ରକୁ ମୋଦି ସାମ୍ନା କରିବା ସହ ଶ୍ରୀଲଙ୍କା ଓ ଆଫଗାନିସ୍ଥାନ ପରି ରାଷ୍ଟ୍ରର ସ୍ଥିରତା ପାଇଁ ଅନେକ ସାହାଯ୍ୟ କରିଛନ୍ତି । ଦକ୍ଷିଣ ଏସିଆର ସ୍ଥିରତାକୁ ସୁଦୃଢ କରିବାପାଇଁ କେଉଁଠି ଆର୍ଥିକ ସହାୟତା, କୂଟନୀତିକ ସହାୟତା, କେଉଁଠି ରାଷ୍ଟ୍ରମୁଖ୍ୟଙ୍କୁ ମଧ୍ୟ ସୁରକ୍ଷା ଯୋଗାଇ ଆସିଛନ୍ତି । ମୋଦିଙ୍କ ଏପ୍ରକାର ବିଦେଶନୀତି ଟ୍ରମ୍ପଙ୍କୁ ଅନେକ ପ୍ରଭାବିତ କରିଛି । ଭାରତର ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି । ଗୋଟିଏ ପଟେ ଚୀନ- ଆମେରିକା ମଧ୍ୟରେ ତିକ୍ତତା, କାନାଡା- ଆମେରିକା ବାକ୍‌ଯୁଦ୍ଧ, ମେକ୍‌ସିକୋ- ଆମେରିକା ମଧ୍ୟରେ ସୀମା କଟକଣା ଜାରି ଥିଲାବେଳେ ମୋଦି ଆମେରିକା ଗସ୍ତରେ ଯାଇ ଭାରତର ସାଂପ୍ରତିକ ସ୍ଥିତି, ବିଶ୍ୱପ୍ରତି ଦୃଷ୍ଟିକୋଣ, ଆଗାମୀ ଦିନର ଆହ୍ୱାନ ବିଷୟରେ ଅଧିକ ସ୍ପଷ୍ଟ କରିଛନ୍ତି ।

ମୋଦିଙ୍କ ସ୍ୱାଗତ ପାଇଁ ଆମେରିକାରେ ରେଡକାର୍ପେଟ ବିଛାଯାଇଥିଲା । ମୋଦି ଭାରତର ପ୍ରତିରକ୍ଷା, ବାଣିଜ୍ୟ, ଶିଳ୍ପର ବିକାଶ, ଟେକ୍‌ନୋଲୋଜୀ ଅଧିଗ୍ରହଣ ପରି ବିଷୟକୁ ସବୁ ସମୟରେ ଗୁରୁତ୍ୱ ଦେଲାପରି ଚଳିତଥର ମଧ୍ୟ ଦେଇଥିଲେ । ବାଣିଜ୍ୟିକ ସନ୍ତୁଳନ ପାଇଁ ଟ୍ରମ୍ପଙ୍କ ସହ ସକାରାତ୍ମକ ଆଲୋଚନା କରିଥିଲେ । ଟ୍ରମ୍ପଙ୍କ ସହଯୋଗୀ ଏଲନ୍ ମସ୍କ, ବିବେକ ରାମସ୍ୱାମୀ, ତୁଳସୀ ଗବାର୍ଡ, ଜେଡି ଭାନ୍ସ, କ୍ରିସ ପଟେଲଙ୍କ ସମେତ ବ୍ୟାବସାୟିକ ଓ ଶିଳ୍ପ କ୍ଷେତ୍ରରେ ପ୍ରତିଷ୍ଠିତ ନେତୃବୃନ୍ଦଙ୍କୁ ମଧ୍ୟ ସାକ୍ଷାତ କରିଥିଲେ । ହ୍ୱାଇଟ ହାଉସଠାରେ ଟ୍ରମ୍ପ ମୋଦିଙ୍କୁ ସାକ୍ଷାତ କରିବା ସହ ମିଳିତ ସାମ୍ବାଦିକ ସମ୍ମିଳନୀରେ ମୋଦିଙ୍କୁ ସ୍ୱାଗତ କରି ବନ୍ଧୁ ବୋଲି କହିଥିଲେ । ଗୁଜରାଟର ମୋଟେରାଠାରେ ଥିବା କ୍ରିକେଟ ଷ୍ଟାଡିୟମରେ ତାଙ୍କୁ ସ୍ୱାଗତ କରାଯିବା ବିଷୟକୁ ମନେପକାଇଥିଲେ । ସନ୍ତୁଳିତ ବାଣିଜ୍ୟ ଉପରେ ଦୁଇନେତା ଆଲୋଚନା କରିବାପରେ ତୈଳ, ଗ୍ୟାସ, ପ୍ରତିରକ୍ଷା ସାମଗ୍ରୀ ଦ୍ୱାରା କରାଯିବାକୁ ରାଜି ହୋଇଥିଲେ । ମୋଦି ତାଙ୍କ ଭାଷଣରେ ସମୃଦ୍ଧି ପାଇଁ ଦୁଇରାଷ୍ଟ୍ର କାର୍ଯ୍ୟକରିବାକୁ ପ୍ରତିଶ୍ରୁତି ଦେଇଥିଲେ । ୨୦୩୦ସୁଦ୍ଧା ଦୁଇଦେଶର ବାଣିଜ୍ୟ ୫୦୦ ବିଲିଅନ ଡଲାରରେ ପହ ଇବା ପାଇଁ ଲକ୍ଷ୍ୟ ଘୋଷଣା କରିଥିଲେ । ଭାରତର ଆଣବିକ ଶକ୍ତି ବୃଦ୍ଧି ପାଇଁ ଆମେରିକା ସହଯୋଗ କରିବାକୁ ରାଜି ହୋଇଛି । ଆଗାମୀ ଦିନରେ ମିଳିତ ପ୍ରତିରକ୍ଷା ଉତ୍ପାଦନ ପାଇଁ ଦୁଇରାଷ୍ଟ୍ର ରାଜି ହୋଇଛନ୍ତି । ଯୋଗାଣ ପାଇଁ ଦୁଇଦେଶ ମିଳିତ ଉତ୍ପାଦନ ଚେନ୍ ସୃଷ୍ଟି ପାଇଁ ସହମତି ପ୍ରକାଶ କରିଥିଲେ । ସେମିକଣ୍ଡକ୍ଟର, ବାଇଓ ଟେକ୍‌ନୋଲୋଜୀ, କୃତ୍ରିମ ବୁଦ୍ଧିମ । କ୍ଷେତ୍ରରେ କାର୍ଯ୍ୟକରିବାକୁ ଦୁଇରାଷ୍ଟ୍ର ଏକମତ ହୋଇଥିଲେ । ଲିଥିୟମ ଏବଂ ଅନ୍ୟାନ୍ୟ ଆବଶ୍ୟକ ମୂଲ୍ୟବାନ ଖଣିଜ ପଦାର୍ଥ ବିଷୟରେ ଦୁଇ ଦେଶ କାର୍ଯ୍ୟକରିବେ । ଗଣତନ୍ତ୍ର ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପାଇଁ ଦୁଇଦେଶ କ୍ୱାଡରେ ରହି ଭାରତ- ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ କାର୍ଯ୍ୟ କରିବେ । ଆଇ୨ୟୁ୨ ଡା ।ରେ ଦୁଇଦେଶର ସରକାର ଆଲୋଚନା ଜାରି ରଖିବେ । ଲସ୍ ଏଞ୍ଜେଲସ୍ ଏବଂ ବୋଷ୍ଟନରେ ଭାରତ ନୂଆ କନସଲ ଖୋଲିବ । ଇସ୍ରୋ ଏବଂ ନାସା ଆଗାମୀ ଦିନରେ ମହାକାଶ କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଆଲୋଚନା ହୋଇଥିଲା । ଦୁଇଦେଶ ମଧ୍ୟରେ ୨୦୨୪-୨୫ରେ ଆମେରିକା ତୁଳନାରେ ଭାରତ ୨୩.୨୬ ବିଲିଅନ ଡଲାର ଅଧିକ ରପ୍ତାନୀ ଆମେରିକାକୁ କରିଥିଲା । ଭାରତରେ ଆମେରିକାର ଦାମୀ ମୋଟର ସାଇକେଲ ଏବଂ କାରର ବିକ୍ରିପାଇଁ ସରକାର ଆମଦାନୀ ଶୁଳ୍କ ହ୍ରାସ ଘୋଷଣା କରିଥିବାରୁ ଆଗାମୀ ଦିନରେ ଆମେରିକାର କାର ଏବଂ ମୋଟର ସାଇକେଲ ଭାରତରେ ଅଧିକ ବିକ୍ରି ହେବାର ସମ୍ଭାବନା ରହିଛି । ଦ୍ୱିପାକ୍ଷିକ ବାଣିଜ୍ୟକୁ ଦେଖିଲେ ଆମେରିକାକୁ ଭାରତ ୨୦୧୯-୨୦ରେ ୫୩,୬୮୮.୭୭ ମିଲିଅନ, ୨୦୨୦-୨୧ରେ ୫୧,୬୨୩.୧୪ ମିଲିଅନ, ୨୦୨୧-୨୨ରେ ୭୬,୧୬୭.୦୧ ମିଲିଅନ, ୨୦୨୨-୨୩ରେ ୭୮,୫୪୨.୬୦ ମିଲିଅନ, ୨୦୨୩-୨୪ରେ ୭୭,୫୧୫.୦୩ମିଲିଅନ୍, ୨୦୨୪-୨୫ ରେ ୫୨,୮୯୪.୯୪ ବିଲିଅନ ଡଲାରର ରପ୍ତାନୀ କରିଥିବା ସମୟରେ ଆମେରିକାରୁ ଭାରତକୁ ଆମଦାନୀ ମିଲିଅନ ଡଲାର ହିସାବରେ ୨୦୧୯-୨୦ରେ ୩୫,୮୧୯.୮୭, ୨୦୨୦-୨୧ରେ ୨୮,୮୮୮.୧୦, ୨୦୨୧-୨୨ରେ ୪୩,୩୧୪.୦୭, ୨୦୨୨-୨୩ରେ ୫୦,୮୬୩.୮୭, ୨୦୨୩-୨୪ରେ ୪୨,୧୯୫.୪୯,୨୦୨୪-୨୫ ରେ (ଏପ୍ରିଲ-ନଭେମ୍ବର) ୨୯,୬୩୨.୨୦ ମିଲିଅନ ଡଲାର ରହିଛି । ମୋଟ ବାଣିଜ୍ୟ ଦେଖିଲେ ୨୦୧୯-୨୦ରେ ୮୮,୯୦୮.୬୫ ମିଲିଅନ, ୨୦୨୦-୨୧ରେ ୮୦,୫୧୧.୨୪ ମିଲିଅନ, ୨୦୨୧-୨୨ରେ ୧୧୯,୪୮୧.୦୮ ମିଲିଅନ, ୨୦୨୨-୨୩ରେ ୧୨୯,୪୦୪.୪୭ ମିଲିଅନ, ୨୦୨୩-୨୪ରେ ୧୧୯,୭୧୦.୫୨ ମିଲିଅନ ଏବଂ ୨୦୨୪-୨୫ (ଏପ୍ରିଲ -ନଭେମ୍ବର) ମଧ୍ୟରେ ୮୨,୫୨୭.୧୪ ମିଲିଅନ ଡଲାର ହୋଇଥିଲା । ସେମିତି ଦ୍ୱିପାକ୍ଷିକ ପ୍ରତିରକ୍ଷା ବାଣିଜ୍ୟ ମିଲିଅନ ଡଲାର ହିସାବରେ ଦେଖିଲେ ଭାରତରୁ ଆମେରିକାକୁ ରପ୍ତାନୀ ୨୦୧୯-୨୦ରେ ୪୩.୭୨, ୨୦୨୦-୨୧ରେ ୬୮.୫୪, ୨୦୨୧-୨୨ରେ ୭୩.୯୭, ୨୦୨୨-୨୩ରେ ୬୦.୫୬,୨୦୨୩-୨୪ରେ ୫୩.୧୦, ୨୦୨୪-୨୫ (ଏପ୍ରିଲ-ନଭେମ୍ବର) ମଧ୍ୟରେ ୪୨.୮୮ ମିଲିଅନ ଡଲାର ହୋଇଛି । ସେହି ସମୟରେ ଆମେରିକାରୁ ଭାରତକୁ ପ୍ରତିରକ୍ଷା ଆମଦାନୀ ୨୦୧୯-୨୦ରେ ୦.୮୬, ୨୦୨୦-୨୧ରେ ୧.୪୬, ୨୦୨୧-୨୨ରେ ୦.୯୭, ୨୦୨୨-୨୩ରେ ୦.୫୭,୨୦୨୩-୨୪ରେ ୨.୨୭, ୨୦୨୪-୨୫ (ଏପ୍ରିଲ -ନଭେମ୍ବର) ମଧ୍ୟରେ ୧.୭୨ ମିଲିଅନ ଡଲାର ହୋଇଛି । ୨୦୧୬ରୁ ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବୃଦ୍ଧି ପାଇଛି । ୨୦୧୮ରୁ ଏହି ସହଯୋଗ ରଣନୀତିକ ବାଣିଜ୍ୟ ସ୍ୱୀକୃତି –୧ମ ଶ୍ରେଣୀର ହୋଇଥିଲା । ଏହାଦ୍ୱାରା ଭାରତ ଅନେକ ପ୍ରକାର ସାମଗ୍ରୀ ଲାଇସେନ୍ସ ମୁକ୍ତ ଭାବେ ପାଇବା ସହ ଟେକ୍‌ନୋଲୋଜୀ ମଧ୍ୟ ଲାଭ କରିବ । ଜାଭେଲିନ ଟ୍ୟାଙ୍କ ବିରୋଧୀ କ୍ଷେପଣାସ୍ତ୍ର ଏବଂ ଷ୍ଟ୍ରାଇକର ପ୍ରତିରକ୍ଷା ଆକ୍ରମଣଯାନର ଉତ୍ପାଦନ ଭାରତରେ କରାଯିବା ଲାଗି ସ୍ଥିର ହୋଇଛି । ଆମେରିକା ଭାରତକୁ ଏଫ୍-୩୫ ଶ୍ରେଣୀର ଯୁଦ୍ଧ ବିମାନ ଦେବାଲାଗି ଉଦ୍ୟମ କରୁଥିବାବେଳେ ଭାରତ ସେସବୁର ଉତ୍ପାଦନ ଭାରତରେ କରିବାକୁ ଚାହୁଁଛି । ଆମେରିକାର ଅଣ୍ଡୁରିଲ ଇଣ୍ଡଷ୍ଟ୍ରୀଜ ଓ ଭାରତର ମହିନ୍ଦ୍ରା ଗ୍ରୁପ ମିଳିତ ଭାବେ ଆଧୁନିକ ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା ନିର୍ମାଣ, କୃତ୍ରିମ ବୁଦ୍ଧିମ । ଆଧାରିତ ମାନବବିହୀନ ଯାନର ସୁରକ୍ଷା ବ୍ୟବସ୍ଥା ନିର୍ମାଣ ପାଇଁ ରାଜି ହୋଇଛନ୍ତି । ସେମିତି ଆମେରିକାର ଏଲ୍-୩ ହାରିସ ଏବଂ ଭାରତ ଇଲେକ୍‌ଟ୍ରୋନିକ୍ସ ମିଳିତ ଭାବେ ଆରେ ସୁରକ୍ଷା ବ୍ୟବସ୍ଥା ନିର୍ମାଣ ପାଇଁ ଯୋଜନା କରିଛନ୍ତି ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ମୋ ଓଡ଼ିଶା

## ମିଳିବ ଆବର୍ଜନାରୁ ମୁକ୍ତି !



ବିଶ୍ୱ ପାଇଁ ସବୁଠୁ ବଡ଼ ଚିନ୍ତାର କାରଣ ହେଉଛି ପରିବେଶ ପ୍ରଦୂଷଣ। ଏହାକୁ ନେଇ ଅନେକ ନୀତି ପ୍ରଣୟନ ହେଉଛି। ବିଶ୍ୱ ନେତାମାନେ ଆପୋଷ ଆଲୋଚନା ଜାରି ରଖିଛନ୍ତି। ହେଲେ ନୀତିର କାର୍ଯ୍ୟକାରିତାର ସୁଫଳ ଦେଖିବାକୁ ମିଳୁନାହିଁ। ପ୍ରତିଟି ଦେଶ କେବଳ ନିଜ ସ୍ୱାର୍ଥ ପାଇଁ ପଦକ୍ଷେପ ନେଉଥିଲା ବେଳେ ଏହା ଯେ, ବଡ଼ ସଂକଟକୁ ଦୂର କରିବ ତାହା ଭାବିବା ଭୁଲ। ପ୍ରତିଟି ଦେଶ ଯେ ପର୍ଯ୍ୟନ୍ତ ଏହି ସମସ୍ୟାକୁ ହୃଦ୍‌ବୋଧ କରିନାହାଁନ୍ତି ସେ ପର୍ଯ୍ୟନ୍ତ ପରିବେଶ ପ୍ରଦୂଷଣକୁ ରୋକାଯାଇପାରିବ ନାହିଁ। ଏହି କ୍ରମରେ ଭାରତ ସରକାର ବିକଳ୍ପ ଇନ୍ଧନ ଉପରେ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ଆଉ ଏକ ବଡ଼ ପଦକ୍ଷେପ ସ୍ୱରୂପ ରାସ୍ତାରୁ ପୁରୁଣା ଗାଡ଼ି ହଟାଇବାର ନିଆଯାଇଛି ନିଷ୍ପତ୍ତି। କେନ୍ଦ୍ରମନ୍ତ୍ରୀ ନୀତୀନ ଗଡକରୀ ପୁଣି ଥରେ ଦୋହରାଇଛନ୍ତି ଯେ, ସରକାରୀ କାର୍ଯ୍ୟରେ ବ୍ୟବହାର ହେଉଥିବା ପୁରୁଣା ଗାଡ଼ିକୁ କବାଡ଼ିକୁ ଦିଆଯିବ। ଅର୍ଥାତ୍ ୧୫ ବର୍ଷର ପୁରୁଣା ଗାଡ଼ି ବ୍ୟବହାର ହୋଇପାରିବ ନାହିଁ। ସେହିପରି ରାସ୍ତାରେ ମଧ୍ୟ ୧୦ ବର୍ଷର ପୁରୁଣା ବ୍ୟାବସାୟିକ ଯାନ, ୧୫ ବର୍ଷର ପୁରୁଣା ଘରୋଇ ପାସେଞ୍ଜର ଯାନ ଗଡ଼ିବ ନାହିଁ। ଯଦି ଏହା ଗଡ଼ିବ ତେବେ ମାଲିକମାନଙ୍କୁ ଦେବାକୁ ହେବ ଫିଟନେସ ପରୀକ୍ଷା। ଏହା ବାଧ୍ୟତାମୂଳକ। ପରୀକ୍ଷାରେ ଫେଲ ହେଲେ ଯିବ କବାଡି ଥାନାକୁ। ସେହିପରି ଲୁଚାଚୋରାରେ ପୁରୁଣା ଗାଡ଼ି ଚଳାଇଲେ ଧରାପଡ଼ିଲେ ଦେବାକୁ ହେବ ଜରିମାନା। ସରକାରଙ୍କ ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏବେ ଇଲେକ୍ଟ୍ରିକ ଯାନ ଉପରେ ସରକାର ଏଥିପାଇଁ ଗୁରୁତ୍ୱ ଦେଉଛନ୍ତି। କାରଣ ଏହାଦ୍ୱାରା ବାୟୁ ପ୍ରଦୂଷଣର ସମ୍ଭାବନା ନାହିଁ। ସେହିପରି ଇଥାନଲ ମିଶ୍ରିତ ଇନ୍ଧନ ଉପରେ ଜୋର ଦିଆଯାଉଛି। ଯାହାଦ୍ୱାରା ଗାଡ଼ିରୁ ବାହାରୁଥିବା ଧୂଆଁ ପରିବେଶକୁ ଅଧିକ କ୍ଷତି ପହଞ୍ଚାଇବ ନାହିଁ। ବର୍ତ୍ତମାନ ଯେଉଁସବୁ ପୁରୁଣା ଗାଡ଼ି ଚାଲୁଛି ତାହା ପରିବେଶ ପାଇଁ



କ୍ଷତିକାରକ। ତେଣୁ ଏହାକୁ ସ୍କ୍ରାପ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ନିଜର ପୁରୁଣା ଗାଡ଼ିକୁ ହରାଉଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ନୂଆ ନୀତିରେ ଦିଆଯାଇଛି ସୁବିଧା। ଗାଡ଼ିର ସ୍କ୍ରାପ ମୂଲ୍ୟ ବାବଦରେ ବ୍ୟକ୍ତିବିଶେଷଙ୍କୁ ନୂଆ ଗାଡ଼ି ସମୟରେ ରୋଡ ଟ୍ୟାକ୍ସରୁ ମଧ୍ୟ ରିହାତି ଦିଆଯିବ। କିଛି ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବା ମଧ୍ୟ ଆରମ୍ଭ କଲେଣି। ପୁରୁଣା ଗାଡ଼ିକୁ ରାସ୍ତାରୁ ହଟାଇବା ପାଇଁ ପ୍ରୋତ୍ସାହନର ଘୋଷଣା ମଧ୍ୟ ଦିଆଗଲାଣି। ପୁରୁଣା ଗାଡ଼ି ହଟିବା ନିଷ୍ପତ୍ତି ନିଆଯାଇଥିବାରୁ ଏବେ ଗାଡ଼ି ନିର୍ମାତାମାନେ ମଧ୍ୟ ବାଧ୍ୟରେ ପରିବେଶ ଅନୁକୂଳ ଗାଡ଼ି ତିଆରି ଉପରେ ଅଧିକ ଗୁରୁତ୍ୱ ଦେବେ। ଦେଶର ସ୍ୱାର୍ଥ ଓ ବଦଳୁଥିବା ପରିବେଶକୁ ଦୃଷ୍ଟିରେ ରଖି ସରକାର ପଦକ୍ଷେପ ନେବା ଯେତିକି ଦରକାର ତା'ଠାରୁ ଅଧିକ ଦାୟିତ୍ୱ ହେଉଛି ସାଧାରଣ ଲୋକଙ୍କର। ପୁରୁଣା ଗାଡ଼ି ପ୍ରଚଳନ ଅର୍ଥନୀତି ପାଇଁ ମଧ୍ୟ ବୋଝ। ତେଣୁ ସରକାରଙ୍କୁ ଏହି ସ୍କ୍ରାପ ପଲିସକୁ ଆହୁରି ବ୍ୟାପକ ଓ ବିସ୍ତୃତ କରିବା ଦରକାର। ଏଥିସହ ସ୍କ୍ରାପ ଉଦ୍ୟୋଗମାନଙ୍କୁ ମଧ୍ୟ ପ୍ରୋତ୍ସାହନ ଦେବା ଆବଶ୍ୟକ। ସେହିପରି ଲୋକେ ମଧ୍ୟ ବୁଝିବା ଦରକାର ଯେ, ସରକାର ଜବରଦସ୍ତି ସେମାନଙ୍କ କଷ୍ଟ ଉପାର୍ଜିତ ଅର୍ଥରେ କିଣିଥିବା ଗାଡ଼ିକୁ ହଟାଉନାହାଁନ୍ତି। ଏହା ଦେଶର ସ୍ୱାର୍ଥ ପାଇଁ ଏବଂ ସମସ୍ତଙ୍କ ସ୍ୱାସ୍ଥ୍ୟ ପାଇଁ।

**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨/୯୨୦୪୬୫୨୦୬୫, E-mail : badal009bhuyan@gmail.com

## ଗାନ୍ଧୀବାଦୀ ଗୋଲକ ଦାସଙ୍କ ବିୟୋଗ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଧୂମାତ ଗ୍ରାମର ପ୍ରଖ୍ୟାତ ଗାନ୍ଧୀବାଦୀ, ଭୂଦାନ ଆନ୍ଦୋଳନର ପୁରୋଧା ତଥା ବିନୋବା ଭାବେଙ୍କ ସହଯୋଗୀ ଗୋଲକ ଦାସଙ୍କର ୮୯ ବର୍ଷ ବୟସରେ ଗତ ମଙ୍ଗଳବାର ଦିନ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ସାରା କେନ୍ଦ୍ରାପଡା ଜିଲ୍ଲାରେ ଗଭୀର ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗ ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଧୂମାତ ଗ୍ରାମସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସେ ଭାରତ ସ୍ୱାଧୀନତା ପରେ ମଧୁବାବୁଙ୍କ ଗ୍ରାମ ସତ୍ୟଭାମାପୁର ଗ୍ରାମରେ ଥିବା କସ୍ତୁରବା ବାଳାଶ୍ରମର ତତ୍ତ୍ୱାବଧାନରେ ଥିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ସହ ମିଶି ଓଡିଶାର ବିଭିନ୍ନ ସ୍ଥାନରେ ସର୍ବୋଦୟ କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ସ୍ୱର୍ଗତଃ ଦାସଙ୍କ ବିୟୋଗରେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ଡଃ. ସିପ୍ରା ମଲିକ, ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ବ୍ଲକ ଅଧ୍ୟକ୍ଷା ରଶ୍ମୀତା ସେଠୀ, ପୂର୍ବତନ ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, ଦୁଷ୍ମନ୍ତ ମଲିକ, ଜିଲ୍ଲା ପରିଷଦ ସଭ୍ୟା ଲିଲିତା ଦାସ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଶିକ୍ଷକ ଆନ୍ଦୋଳନ ସ୍ଥଗିତ, ସମସ୍ୟାର ସମାଧାନ ହେବ ତ ?



ତିନି ଦଫା ଦାବି ନେଇ ଭୁବନେଶ୍ୱରରେ ଚାରି ଦିନ ହେଲା ଚାଲିଥିବା ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ବୁଧବାର ରାଜ୍ୟ ସରକାରଙ୍କ ସହ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଆଲୋଚନା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଏନେଇ ମହାସଂଘର ସଭାପତି ମଣ୍ଡଳୀ ସଦସ୍ୟ ବ୍ରହ୍ମାନନ୍ଦ ମହାରଣା ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଡିସେମ୍ବର ୨୦ତାରିଖ ଯାଏ ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଛି। ୧୬ରୁ ୨୦ ତାରିଖ ଭିତରେ ଦାବି ପୂରଣ ନ ହେଲେ ୨୧ ତାରିଖରୁ ପୁନର୍ବାର ଆନ୍ଦୋଳନକୁ ତ୍ରୀବତର କରାଯିବ। ଏଥିସହିତ ଶିକ୍ଷକମାନେ ସମୂହ ଛୁଟିରେ ଯିବେ ବୋଲି ବିରୁଦ୍ଧରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ, କଲେଜ ଶିକ୍ଷକ ସଂଘ, ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଓଡିଶା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ଭାଗରେ ବିଭକ୍ତ ହୋଇଥିବା ବ୍ଲକ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ସଂଘ, ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ, ଶିକ୍ଷା ସହାୟକ ମହାସଂଘ, ୪୮୮ବର୍ଗ କଲେଜ ଶିକ୍ଷକ ସଂଘ, ୬୬୨ ବର୍ଗ ଶିକ୍ଷକ ସଂଘ ତରଫରୁ ବିଭିନ୍ନ ସମୟରେ ଓ ବିଶେଷ କରି ବିଧାନସଭା ଅଧିବେଶନ ସମୟରେ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏ ସବୁର ଫଳସ୍ୱରୂପ ୧୯୮୨ ବ୍ଲକ ଗ୍ରାଣ୍ଟ ହାଇସ୍କୁଲଗୁଡିକ ମଧ୍ୟରୁ ୧୦୮୫ ହାଇସ୍କୁଲକୁ ପେ, ଗ୍ରେଡ୍ ପେ ମିଳିଛି, ପୂର୍ବ ମୁଣ୍ଡାମୁଣ୍ଡି ବ୍ଲକଗ୍ରାଣ୍ଟ ବେତନ ବଦଳରେ ୪୮୮ ବର୍ଗର ଅଧ୍ୟାପକ ଓ କର୍ମଚାରୀଙ୍କୁ ପେ, ଗ୍ରେଡ୍ ପେ ସହ ୫ଟି ଇନ୍‌କ୍ରିମେଣ୍ଟ ଏବଂ ୬୬୨ ବର୍ଗର ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ପେ, ଗ୍ରେଡ୍ ପେ ସହ ଗୋଟିଏ ଇନ୍‌କ୍ରିମେଣ୍ଟ ମିଳିଛି ।

ଏଠାରେ ପ୍ରଶ୍ନ ଉଠେ ଗୋଟିଏ ବୃତ୍ତିରେ ଥାଇ, ସମାନ କାମ କରି,



କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରାଥମିକ ଶିକ୍ଷାରେ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ସହ ୨୦୦୧ରୁ ନିଯୁକ୍ତ ସମସ୍ତ ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ, ଶିକ୍ଷାସହାୟକ ଓ କନିଷ୍ଠ ଶିକ୍ଷକଙ୍କ ମୂଳ ଚାକିରିକୁ ସରକାରୀ ସେବା ରୂପେ ଗଣନା କରି ୬ଟି ପଦୋନ୍ନତି ପ୍ରଦାନ, ସେହିପରି ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ ସପ୍ତମ ବେତନ ଅନୁଯାୟୀ କେନ୍ଦ୍ରୀୟ ହାରରେ ଦରମା ଏବଂ ୨୦୦୫ରୁ ନିଯୁକ୍ତ କର୍ମଚାରୀଙ୍କ ନୂତନ ପେନ୍‌ସନ୍ ବ୍ୟବସ୍ଥାକୁ ଉଚ୍ଛେଦ କରି ପୁରୁଣା ପେନସନ୍ ବ୍ୟବସ୍ଥାକୁ ପୁନଃ ପ୍ରଚଳନ କରିବା ଦାବି ନେଇ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଦୁଇ ଥର ଆଲୋଚନା ହୋଇ ଦୁଇ ଥର ବିଫଳ ହେବା ପରେ ବୁଧବାର ଆନ୍ଦୋଳନରତ ଶିକ୍ଷକଙ୍କ ସହ ସରକାରଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ନିଷ୍ପତ୍ତି ଅନୁସାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ। ଏଥିରେ ଉନ୍ନୟନ କମିଶନର, ଅର୍ଥ ବିଭାଗ ସଚିବ ଏବଂ ଗଣଶିକ୍ଷା ବିଭାଗ ସଚିବ ରହିବେ। ଏହି କମିଟି ଆସନ୍ତା ଡିସେମ୍ବର ୧୬ରୁ ୨୦ ତାରିଖ ମଧ୍ୟରେ ଶିକ୍ଷକ ଦାବି ନେଇ ଆଲୋଚନା କରିବେ ଓ ନିଷ୍ପତ୍ତି ନେବେ। ଏହି ଆଶାରେ ବିଶ୍ୱାସ ନେଇ ଶିକ୍ଷକମାନେ ଆନ୍ଦୋଳନରୁ ଓହରି ଯାଇଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ଛାତ୍ରଛାତ୍ରୀଙ୍କ ହିତଦୃଷ୍ଟିରୁ ପ୍ରାଥମିକ ଶିକ୍ଷକ ମହାସଂଘ ଏଭଳି ନିଷ୍ପତ୍ତି ନେଇଛି। ସରକାର ମଧ୍ୟ ଏ ଦିଗରେ ସକାରାତ୍ମକ ପଦକ୍ଷେପ ନେବା ଆବଶ୍ୟକ।

ମହାନ୍ ଦାର୍ଶନିକ ଭୋଲଟାୟାରଙ୍କ ମତରେ ଶିକ୍ଷାରୁ ଆସେ ଚେତନା, ଚେତନାରୁ ସୃଷ୍ଟିହୁଏ ବିପ୍ଳବ ଏବଂ ବିପ୍ଳବ ଆଣିଥାଏ ପରିବର୍ତ୍ତନ। ପ୍ରତ୍ୟେକ ଦେଶର ଉନ୍ନତି ପଛରେ ସୁଦୃଢ ଶିକ୍ଷାବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଅନ୍ୟଅର୍ଥରେ କହିଲେ ଯେଉଁ ଦେଶ ଯେତେ ଶିକ୍ଷିତ, ସେହି ଦେଶ ସେତେ ଉନ୍ନତ। ଯେତେ ଯାହା ଯୋଜନା କଲେ ବି ନିରକ୍ଷରତା ଦୂର ନ ହେଲେ କୌଣସି ଦେଶର ଉନ୍ନତି ଆଶାନୁରୂପ ହୋଇପାରିବନାହିଁ। ଏକ ଲୋକପ୍ରିୟ କାହାଣୀ କୁହେ-"ଯଦି ତୁମେ ଆଗାମୀ ଏକବର୍ଷ ପାଇଁ ଯୋଜନା କରୁଛ, ତାହାହେଲେ ଜମିରେ କିଛି ମଞ୍ଜି ବୁଣିଦିଅ, ଯଦି ୧୦ ବର୍ଷ ବା ତା' ଠାରୁ ଊର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ, ତା'ହେଲେ ଜମିରେ କିଛି ଗଛ ଲଗାଇଦିଅ, ଆଉ ଯଦି ୧୦୦ ବର୍ଷ ପାଇଁ ଯୋଜନା କରୁଛ, ତାହାହେଲେ ସମସ୍ତଙ୍କୁ ଶିକ୍ଷିତ କରାଇଦିଅ।" ଶିକ୍ଷା ବ୍ୟବସ୍ଥାର ପ୍ରାଣକେନ୍ଦ୍ର ହେଉଛି ପ୍ରାଥମିକ ବିଦ୍ୟାଳୟ। କିନ୍ତୁ ରାଜ୍ୟରେ ପ୍ରାଥମିକ ଶିକ୍ଷା ସ୍ଥିତି ଅତି ଦୟନୀୟ । ସେହିପରି ଶିକ୍ଷକଙ୍କ ଅବସ୍ଥା ମଧ୍ୟ ତଦ୍ରୂପ। ଜଣାପଡ଼ିଛି ଯେ ରାଜ୍ୟରେ ବିଭିନ୍ନ ବିଦ୍ୟାଳୟରେ ୫୦ ହଜାରରୁ ଅଧିକ ଶିକ୍ଷକ ପଦ ଖାଲି ପଡ଼ିଛି। ଅସ୍ଥାୟୀ ଅତିଥି ଶିକ୍ଷକ ଚଳାଉଛନ୍ତି ବିଦ୍ୟାଳୟ। ଏପରିକି ରାଜ୍ୟ ସରକାରଙ୍କ ପରିଚାଳିତ ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ଶିକ୍ଷକ ପଦ ଖାଲି ପଡ଼ିଛି। ବିରୋଧୀ ଦଳଙ୍କ ପ୍ରଶ୍ନର ଉତ୍ତରରେ ସ୍ଥାୟୀ ନିଯୁକ୍ତି କେବେ ହେବ ବୋଲି ପ୍ରଶ୍ନରେ ମନ୍ତ୍ରୀ କହିଲେ ପର୍ଯ୍ୟାୟକ୍ରମେ ନିଯୁକ୍ତି ହେବ ବୋଲି ଉତ୍ତର ରଖିଥିଲେ। ସେହିପରି ଅସ୍ଥାୟୀ ନିଯୁକ୍ତି କେବେ ବନ୍ଦ ହେବ ବୋଲି ପ୍ରସଙ୍ଗରେ ମନ୍ତ୍ରୀ କହିଥିଲେ ଯେ ସ୍ଥାୟୀ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଅତିଥି ଶିକ୍ଷକଙ୍କ ନିଯୁକ୍ତି ଦିଆଯାଉଛି। ସେହିପରି ରାଜ୍ୟ ସରକାର ୨୦୦୧ ମସିହାରେ ପ୍ରାଥମିକ ବିଦ୍ୟାଳୟରେ ବହୁଳ ଭାବରେ ଲାଗୁ କରିଥିବା ଠିକା ଶିକ୍ଷକ ନିର୍ଦ୍ଦେଶ ଯୁକ୍ତିକୁ ଅଣଦେଖା କରିଛନ୍ତି। ଅପରପକ୍ଷେ ୨୦୧୩ ମସିହାଠାରୁ ଠିକା ଶିକ୍ଷକ ନିଯୁକ୍ତିକୁ ଉଚ୍ଛେଦ କରିଛନ୍ତି। ଏହା ଏକ ବିଡ଼ମ୍ବନାର ବିଷୟ।

ସୂଚନାଯୋଗ୍ୟ ଯେ, ବେସରକାରୀ ଶିକ୍ଷାନୁଷ୍ଠାନଗୁଡିକୁ ସରକାର ବିଭିନ୍ନ ସମୟରେ ସରକାରୀ ଅନୁଦାନ ଦେଇଆସୁଛନ୍ତି । ଏ କ୍ଷେତ୍ରରେ ୧୯୬୯ ମସିହାର ପ୍ରଥମ ଶିକ୍ଷା ଆଇନ ଏକ ମାଇଲ୍‌ଖୁଣ୍ଟ ହୋଇ ରହିଆସିଛି । ଏହି ଆଇନ୍‌କୁ ଭିତ୍ତି କରି ପରବର୍ତ୍ତୀ ପର୍ଯ୍ୟାୟରେ ୧୯୭୨ ମସିହାରେ ସମାନ କାମକୁ ସମାନ ଦରମା ଆଇନ୍ ଓ ଏହାପରେ ୧୯୭୪ ମସିହାରେ ଶିକ୍ଷକ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ପ୍ରତ୍ୟକ୍ଷ ଅନୁଦାନ ଆଇନ ଅନୁସାରେ ପୂର୍ଣ୍ଣ ଅନୁଦାନ ଦେଇ ସେମାନଙ୍କୁ ପରିଚାଳନା କମିଟିର ସିଧାସଳଖ ହସ୍ତକ୍ଷେପ ଓ ଦୌରାତ୍ମ୍ୟରୁ ମୁକ୍ତ କରାଗଲା । ଏହି ସମୟରେ ଶିକ୍ଷକମାନେ ଭାବିଥିଲେ ଯେ ପ୍ରତ୍ୟକ୍ଷ ଅନୁଦାନ ବ୍ୟବସ୍ଥା ଏକ ଚିରସ୍ଥାୟୀ ନିୟମ। ମାତ୍ର ଏହାର ୩୦ ବର୍ଷ ପରେ ୨୦୦୪ ମସିହାରେ ଆର୍ଥିକ ସଂସ୍କାର ଆଳରେ ଓ ଡି.ଏଫ୍.ଆଇ.ଡି. ଓ ବିଶ୍ୱବ୍ୟାଙ୍କ ଚାପରେ ତତ୍‌କାଳୀନ ସରକାର ବିଧାନସଭାରେ ଆଇନ୍ ପ୍ରଣୟନ କରି ପୂର୍ବ ପ୍ରଚଳିତ ପ୍ରତ୍ୟକ୍ଷ ଅନୁଦାନ ବ୍ୟବସ୍ଥାକୁ ବାତିଲ କରି ଘୃଣ୍ୟ ବ୍ଲକ ଗ୍ରାଣ୍ଟ ବା ମୁଣ୍ଡାମୁଣ୍ଡି ଦରମା ଦେବାର ବ୍ୟବସ୍ଥା କଲେ । ଏହି ବ୍ୟବସ୍ଥା ବେତନରେ ଶିକ୍ଷକ ଓ ଅଧ୍ୟାପକମାନଙ୍କ କ୍ଷେତ୍ରରେ ଏ ତାରତମ୍ୟ କାହିଁକି ? ଉଦାହରଣ ଦେଇ କୁହାଯାଇପାରେ ପ୍ରାଥମିକ ସ୍ତରରେ ଜଣେ ନିୟମିତ ଶିକ୍ଷକ ୧୪,୮୦୦ ଟଙ୍କା ବା ତଦୁର୍ଦ୍ଧ୍ୱ ଦରମା ପାଉଥିବା ବେଳେ ଜଣେ ଗଣଶିକ୍ଷକ ୩,୫୦୦ଟଙ୍କା, ଶିକ୍ଷା ସହାୟକ ୫,୨୦୦ଟଙ୍କା କନିଷ୍ଠ ଶିକ୍ଷକ ୭,୦୦୦ଟଙ୍କା, ହାଇସ୍କୁଲ ସ୍ତରରେ ଜଣେ ନିୟମିତ ଶିକ୍ଷକ ୨୫,୦୦୦ରୁ ଊର୍ଦ୍ଧ୍ୱ ଟଙ୍କା ଦରମା ପାଉଥିଲା ବେଳେ ଜଣେ ବ୍ଲକ ଗ୍ରାଣ୍ଟ ଶିକ୍ଷକ ୫,୬୦୦ ଟଙ୍କା, ଚୁକ୍ତିଭିତ୍ତିକ ଶିକ୍ଷକ ୯,୩୦୦ଟଙ୍କା, କଲେଜ ସ୍ତରରେ ଜଣେ ୟୁଜିସି ଅଧ୍ୟାପକ ୯୦,୦୦୦ରୁ ଊର୍ଦ୍ଧ୍ୱ ଟଙ୍କା ଦରମା ପାଉଥିବାବେଳେ ରାଜ୍ୟ ବେତନ ପାଉଥିବା ଅଧ୍ୟାପକ ୩୫ହଜାରରୁ ଊର୍ଦ୍ଧ୍ୱ ଟଙ୍କା, ୪୮୮ ବର୍ଗର ଅଧ୍ୟାପକ ୧୬,୩୨୦ ଟଙ୍କା ଓ ୬୬୨ ବର୍ଗର ଅଧ୍ୟାପକ ୧୪,୧୩୦ ଟଙ୍କା ପାଉଛନ୍ତି । ସେହିପରି ଶିକ୍ଷକମାନଙ୍କୁ ବିଭିନ୍ନ ପ୍ରକାରରେ ବିଭକ୍ତ କରାଯାଇଛି । ଏଠି କିଏ ପାରା ଶିକ୍ଷକ, ଗଣଶିକ୍ଷକ, ଶିକ୍ଷାସହାୟକ, ଚୁକ୍ତିଭିତ୍ତିକ ଶିକ୍ଷକ ତ କିଏ ବ୍ଲକଗ୍ରାଣ୍ଟ ଶିକ୍ଷକ। ସେହିପରି କଲେଜ ସ୍ତରରେ କିଏ ବ୍ଲକଗ୍ରାଣ୍ଟ ପାଉଥିବା ଅଧ୍ୟାପକ କର୍ମଚାରୀ ତ କିଏ ରାଜ୍ୟ ବେତନ ଆଉ ୟୁଜିସି ବେତନ ପାଉଥିବା ଅଧ୍ୟାପକ ଓ କର୍ମଚାରୀ । କାହିଁ ଅତୀତରେ ଶିକ୍ଷକମାନଙ୍କ ବେତନରେ ଏତେ ତାରତମ୍ୟ ନଥିଲା କି ଶିକ୍ଷକମାନଙ୍କୁ ଏପରି ଭାଗ ଭାଗ କରାଯାଇ ନ ଥିଲା ?

ସବୁଠୁ ବଡ ସମ୍ବେଦନଶୀଳ ପ୍ରସଙ୍ଗ ହେଲା ପୂର୍ବର ସେ ଶକ୍ତିଶାଳୀ ଶିକ୍ଷକ ସଂଗଠନ ଆଉ ନାହିଁ କି ସେପରି ଅଦମନୀୟ ନେତା ଆଉ ନାହାଁନ୍ତି । ନିଖିଳ ଉତ୍କଳ ଶିକ୍ଷକ ମହାସଂଘଠାରୁ ଆରମ୍ଭ କରି କଲେଜ ଶିକ୍ଷକ ସଂଘ, ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଓଡିଶା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଭଳି ମୂଳ ସଂଗଠନଗୁଡିକ ଆଜି ବହୁଧା ବିଭକ୍ତ । ଫଳରେ ବ୍ଲକ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ସଂଘ, ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ, ଶିକ୍ଷା ସହାୟକ ମହାସଂଘ, ନିଖିଳ ଉତ୍କଳ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘ, ୪୮୮ ବର୍ଗ କଲେଜ ଶିକ୍ଷକ ସଂଘ, ୬୬୨ବର୍ଗ କଲେଜ ଶିକ୍ଷକ ସଂଘ, ୟୁଟିଆଇ ସଂଘ ଓ ଓଡିଶା ବିଦ୍ୟାଳୟ ପରି ଭଳିକି ଭଳି ଶିକ୍ଷକ ସଂଗଠନ ସୃଷ୍ଟି ହୋଇଛି । ଫଳରେ ସଂଗଠନଗୁଡିକର ମୂଳଚାଲ ଶକ୍ତି ହ୍ରାସ ପାଇଛି, ଯାହା ପରୋକ୍ଷରେ ସରକାରଙ୍କୁ ସୁବିଧାଜନକ ସ୍ଥିତିରେ ରଖିଛି । ଆନ୍ଦୋଳନ ସମୟରେ ସରକାର କୌଣସି ଗୋଟିଏ ଗୋଷ୍ଠୀକୁ କିଛି ଦେଇ ସନ୍ତୁଷ୍ଟ କରିବା ନୀତିକୁ ଆପଣେଇ ନେଉଥିବାବେଳେ ସଂଗଠନଗୁଡିକ ମଧ୍ୟ ବାଧ୍ୟବାଧ୍ୟକତାରେ ହେଉ ବା ଅବସ୍ଥା ଦେଖି ବ୍ୟବସ୍ଥା ପାଇଁ ହେଉ, "କାନ୍ଦୁଥା, ଯାହା ପାଉଛୁ ବାନ୍ଧୁଥା" ନ୍ୟାୟରେ ସରକାରଙ୍କ କଥାକୁ ବାଧ୍ୟ ଶିଶୁ ପରି ମାନି ନେଉଛନ୍ତି । ପରିଣାମ ସ୍ୱରୂପ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ନିଜର ମନ୍ଦ ଭାଗ୍ୟକୁ ଆଦରି ଶିକ୍ଷାଦାନରେ ବ୍ରତୀ ରହିଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ ରାଜ୍ୟ ସରକାରଙ୍କ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଏହି ଶିକ୍ଷକ ଓ ଅଧ୍ୟାପକମାନଙ୍କଠାରୁ ଅଧିକ ଦରମା ପାଉଛନ୍ତି । ଅଥଚ ସର୍ବୋଚ୍ଚ ଡିଗ୍ରୀ ହାସଲ କରିଥିବା ଶିକ୍ଷକ ଓ ଅଧ୍ୟାପକ କେମିତି ଏକ ବ୍ୟତିକ୍ରମ ହୋଇରହିଛନ୍ତି ?

ନିକଟ ଅତୀତରେ ସରକାର ଯେଉଁ ଠିକା ନିଯୁକ୍ତିକୁ ଉଚ୍ଛେଦ କରିଛନ୍ତି ସେଥିରେ ହିତାଧିକାରୀଙ୍କ ସଂଖ୍ୟା ବହୁତ କମ୍। ଏଥିରେ ମାତ୍ର ୬୯ ହଜାର ଶିକ୍ଷକ ଓ କର୍ମଚାରୀ ଉପକୃତ ହେବେ। ଖାଲି ସେତିକି ନୁହେଁ ୨୦୦୪ ମସିହାଠାରୁ ଏପର୍ଯ୍ୟନ୍ତ ଯେତେଗୁଡିଏ ସଂଶୋଧିତ ଅନୁଦାନ ନୀତି ପ୍ରଣୟନ କରାଯାଇଛି, ସେଥିରେ କେଉଁଠି ଇନ୍‌କ୍ରିମେଣ୍ଟ ନାହିଁ ତ କେଉଁଠି ମହଙ୍ଗା ଭତ୍ତା ନାହିଁ । ପୁଣି କେଉଁଠି ଜି.ପି.ଏଫ୍. ନାହିଁ ତ କେଉଁଠି ଅବସରକାଳୀନ ସୁବିଧା-ସୁଯୋଗ ନାହିଁ । ଆଉ କେତେ ଦିନ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ଏମିତି ହିନସ୍ତା ହେଉଥିବେ ? ଏବେ ବି ସମୟ ଅଛି। ରାଜ୍ୟ ସରକାର ଓ ଗଣଶିକ୍ଷା ବିଭାଗ ଶିକ୍ଷକମାନଙ୍କ ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବା ଜରୁରୀ ମନେହୁଏ। ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ଯଦି ସେମାନଙ୍କ ଦାବି ପୂରଣ ନେଇ ବାରମ୍ବାର ରାଜରାସ୍ତାକୁ ଆସିବେ, ତାହାହେଲେ ଶିକ୍ଷା ବ୍ୟବସ୍ଥା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କ୍ଷତିଗ୍ରସ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏକଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ୍। ଆମକୁ ମନେରଖିବାକୁ ହେବ ଯେ ଶିକ୍ଷା ହିଁ ପ୍ରଗତିର ମାପକାଠି ଓ ଶିକ୍ଷକମାନେ ହେଉଛନ୍ତି ଶିକ୍ଷା ବ୍ୟବସ୍ଥାର ମେରୁଦଣ୍ଡ।

**ହିମାଂଶୁଶେଖର ଆଚାର୍ଯ୍ୟ**, ଅବସରପ୍ରାପ୍ତ ଅଧ୍ୟାପକ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Prajjwal Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Sunday February 23 | ଭୁବନେଶ୍ୱର ରବିବାର, ଫେବୃଆରୀ ୨୩,୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ନାନୋମେଡିସିନର ସଦ୍ୟତମ ବିକାଶ ଉପରେ କିଟ୍‌ରେ ଅନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,(ପି.ଏନ): କିଟ୍ ବିଶ୍ୱବିଦ୍ୟାଳୟରେ ନାନୋମେଡିସିନର ସଦ୍ୟତମ ବିକାଶ ଉପରେ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏହି ସମ୍ମିଳନୀରେ ବହୁ ଗବେଷକ, ଛାତ୍ର, ଚିକିତ୍ସା ବୃତ୍ତିଧାରୀ, ସମାଜବିଜ୍ଞାନୀ ଏବଂ ଷ୍ଟାର୍ଟଅପ୍ ସମେତ ୫୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ। ଆମେରିକା, ସ୍ୱିଜରଲ୍ୟାଣ୍ଡ, ସ୍ପେନ୍, ଭାରତ, ଜର୍ମାନୀ, ଆର୍ଜେଣ୍ଟିନା, ଫ୍ରାନ୍ସ, ଆୟାର୍ଲାଣ୍ଡ ଏବଂ ଅଷ୍ଟ୍ରେଲିଆର ବିଶିଷ୍ଟ ବକ୍ତାମାନେ ନାନୋଟେକ୍ନୋଲୋଜି-ଆଧାରିତ ଡାଇଗ୍ନୋଷ୍ଟିକ୍ସ, ଇମେଜିଂ ଏବଂ ଥେରାପୁଟିକ୍ସରେ ସଦ୍ୟତମ ବିକାଶ ବିଷୟରେ ଆଲୋକପାତ କରିଥିଲେ। ପ୍ରେସିସିନ୍ ନାନୋମେଡିସିନ୍ ଜର୍ନାଲ୍ (ୟୁଏସ୍ଏ), ସ୍କୁଲ୍ ଅଫ୍ ବାୟୋଟେକ୍ନୋଲୋଜି ଏବଂ କିମସ ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏହା ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତାଙ୍କ କାର୍ଯ୍ୟାଳୟର ଏକ ପ୍ରୟାସ - ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ୍ କ୍ଲଷ୍ଟର ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା। ଆଲୋଚନାରେ ଅଂଶଗ୍ରହଣ କରି ବୈଜ୍ଞାନିକ ଏବଂ



ଉଦ୍ୟୋଗୀ ଉଦ୍ଭାବନ କିପରି ସୁଲଭ, ସ୍କେଲେବଲ୍ ଏବଂ ସ୍ଥାୟୀ ସ୍ୱାସ୍ଥ୍ୟସେବା ସମାଧାନ ଆଡ଼କୁ ନେଇପାରିବ ତାହା ଉପରେ ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ସମଗ୍ର ଭାରତରୁ ଛାତ୍ରଛାତ୍ରୀମାନେ ଏଥିରେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ପୋଷ୍ଟର ଉପସ୍ଥାପନ ସହ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମନୋନୀତ ପ୍ରକଳ୍ପଗୁଡ଼ିକୁ ଅଧିକ ବିକାଶ ପାଇଁ କିଟ ଟିବିଆଇରେ ପ୍ରଦର୍ଶିତ କରାଯିବ। କିଟ ବିଶ୍ୱବିଦ୍ୟାଳୟ ଏବଂ ବିସିକେଆଇସି ଏପରି ପଦକ୍ଷେପ ମାଧ୍ୟମରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମରେ ଉତ୍କର୍ଷତା ବୃଦ୍ଧି କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀକୁ ସ୍ୱିଜରଲ୍ୟାଣ୍ଡର ୟୁନିଭର୍ସିଟି ହସ୍ପିଟାଲ ବାସେଲର ଇଂଟରନ୍ୟାସନାଲ ସୋସାଇଟି ଫର ନାନୋମେଡିସିନର ସଭାପତି ପ୍ରଫେସର ପାଟ୍ରିକ୍ ହୁଞ୍ଜିକର ଏବଂ ଆମେରିକାର ପ୍ରିସିସନ୍ ନାନୋମେଡିସିନର ମୁଖ୍ୟ ସଂପାଦକ ପ୍ରଫେସର ଲାଜୋସ୍ ପି. ବାଲୋଘ୍ ଉଦଘାଟନ କରିଥିଲେ। କିଟ ବିଶ୍ୱବିଦ୍ୟାଳୟର ଗବେଷଣା ଏବଂ ନବସୃଜନ ନିର୍ଦ୍ଦେଶକ ଏବଂ କିଟ ଟେକ୍ନୋଲୋଜି ବିଜିନେସ ଇନକ୍ୟୁବେଟରର ସିଇଓ ପ୍ରଫେସର ମୃତ୍ୟୁଞ୍ଜୟ ସୁଆର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିସିକେଆଇସିର ସିଇଓ ଡ ନମ୍ରତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସେଲେଡିର ପନ୍ଦର ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ସୋନପୁର,(ପି.ଏନ): ବିନିକା ବ୍ଲକ ଅନ୍ତର୍ଗତ ସେଲେଡି ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସେଲେଡି ଝାରପଡା ମାତୃବିହାର ର ୧୫ ତମ ବାର୍ଷିକ ଉତ୍ସବ ଶ୍ରୀମା ଙ୍କ ୧୪୭ ତମ ଜନ୍ମ ଦିନରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଶ୍ରୀଯୁକ୍ତ ସୀତାରାମ ଭୋଇ ତହସିଲଦାର ବିନିକା ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ସୁସ୍ଥ ପରିବେଶ ଓ ସୁସ୍ଥ ସମାଜ ଗଠନ ପାଇଁ ନୀତିବାନ ହେବାକୁ ପରାମର୍ଶ ଦେଇଥିଲେ ଓ ଏଥିରେ ଓଡିଶା ର ଜଣାଶୁଣା କଣ୍ଠଶିଳ୍ପୀ ଡ଼ ଅର୍ଚ୍ଚନା ପାଢ଼ୀ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇଥିଲେ । ଶ୍ରୀଯୁକ୍ତ ମହାଦେବ ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ନିମନ୍ତେ ବାର୍ଷିକ ଉତ୍ସବର ଆବଶ୍ୟକତା ଓ ଶ୍ରୀମା କିଏ ସେ ବିଷୟରେ ମତପୋଷଣ କରିଥିଲେ। ବିଦ୍ୟାଳୟ ପରିଚ୍ଳାଳନା କମିଟୀର ସମ୍ପାଦକ ତଥା ମ୍ୟାନେଜିଙ୍ଗ ଟ୍ରଷ୍ଟି ଶାଶ୍ୱତ କୁମାର



ତ୍ରିପାଠୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାକେନ୍ଦ୍ର ଅଧକ୍ଷ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନ ର ସଭାପତି ମଧୁମିତା ପରମଗୁରୁ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ବିଦ୍ୟାଳୟର ଉପାଧକ୍ଷ୍ୟ ତରଙ୍ଗିନୀ ସଙ୍ଖୁଆ ଧନ୍ୟବାଦ ଜ୍ଞାପନ କରିଥିଲେ। ହିମାଂଶୁ ପଣ୍ଡା, କିଣୁ ଜଗଦଲା, ସିମାଞ୍ଜଳି ପ୍ରଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କିଣୁ ଜଗଦଲା ଙ୍କ ଦ୍ୱାରା ଲିଖିତ ତଥା ଅରୁଣା ଓ ଅଙ୍କିତା ଅପା ଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ କାହାକେ କହେମି ପହେଲା ଗୁରୁ ଅନୁଷ୍ଠିତ ହୋଇଥିଲା । ପରେ ଲିଟିଲ ଝଙ୍କର ଙ୍କୁ ବେଷ୍ଟ ଷ୍ଟୁଡେଣ୍ଟ ଅଫଦ ୟର ପ୍ରଦାନ କରାଗଲା। ଅର୍ଚ୍ଚନା ଙ୍କ ଗୀତ ର ତାଳେ ତାଳେ ଝୁମି ଉଠିଥିଲେ ଛାତ୍ର ଛାତ୍ରୀ । ଆଜିଷା,ଅରୁଣା, ସ୍ମୃତି, ଇତି ଅପା ପୁରସ୍କାର ବିତରଣରେ ସାହାଯ୍ୟ କରିଥିବା ବେଳେ,ସ୍ୱପ୍ନା, ଗେଲ, ସରିତା, ମହଲା, ସନ୍ତୋଷିନୀ, ମମତା, ଅନିତା ଅପା, ଚିତ୍ତ, କମଳ ଓ ବିଶ୍ୱ ଭାଇ ଙ୍କ ସହ ସେଲେଡି ଝାରପଡା ଗ୍ରାମର ଅନେକ ଗ୍ରାମବାସୀ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ । ବିଦ୍ୟାଳୟ ପରିଚ୍ଳାଳନା କଳା ଶିକ୍ଷକ ବେଦବର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ପାରାଦୀପର ମୌଳିକ ସମସ୍ୟା ଉପରେ କଳିଙ୍ଗ ମହିଳା ଶକ୍ତିର ଦୃଷ୍ଟି ଆକର୍ଷଣ

ପାରାଦୀପ ,(ପି.ଏନ): ପାରାଦୀପ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଛି ଅଗ୍ରଣୀ ମହିଳା ସଂଗଠନ କଳିଙ୍ଗ ମହିଳା ଶକ୍ତି କ୍ଷ ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ପାରାଦୀପ ଗଲ୍ଫ ପଡିଆ ଠାରେ ଶୁକ୍ରବାର ଦିନ ସଂଗଠନ ର ସଭାନେତ୍ରୀ ମନୋରମା ଖଟୁଆ ଙ୍କ ଆବାହକତ୍ୱ ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ ବିଭିନ୍ନ ସମସ୍ୟା ଉପରେ ଆଲୋଚ୍ନା କରାଯାଇ ଏହାର ନିରାକରଣ ପାଇଁ ସ୍ଥାନୀୟ ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହି ସବୁ ପ୍ରସଙ୍ଗ ମଧ୍ୟରେ ଅଞ୍ଚଳବାସୀଙ୍କ ମୌଳିକ ଆବଶ୍ୟକତା ପୂରଣ, ଶିକ୍ଷାନୁଷ୍ଠାନ




କଳେବର ବୃଦ୍ଧି, ନିଧାର୍ଯ୍ୟ ଅଙ୍ଗନବାଡି ସେଣ୍ଟର ପ୍ରତିଷ୍ଠା, ଭାରୀଯାନ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ, ପ୍ରଦୂଷଣ ନିୟନ୍ତ୍ରଣ, ଶିକ୍ଷାନୁଷ୍ଠାନ ମାନଙ୍କର ସାମାଜିକ ଦାୟିତ୍ୱବୋଧ (ସିଏସଆର) ବ୍ୟବସ୍ଥା ଜରିଆରେ ମହିଳାଙ୍କୁ ସଶକ୍ତିକରଣ ଓ ସ୍ୱାବଲମ୍ବୀ କରିବା, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ବିଦ୍ୟୁତ ସେବା, ବେରୋଜଗାରୀଙ୍କୁ ରୋଜଗାର ବ୍ୟବସ୍ଥା, ମହିଳାଙ୍କୁ ସ୍ୱାବଲମ୍ବୀ ଇତ୍ୟାଦି ଅନ୍ତର୍ଭୁକ୍ତ । ତେବେ ସରକାର କିମ୍ବା ପ୍ରଶାସନ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ ନକରନ୍ତି, ତେବେ କଳିଙ୍ଗ ମହିଳା ଶକ୍ତି ଆନ୍ଦୋଳନ କରିବ ବୋଲି ସଭାନେତ୍ରୀ ମନୋରମା ଖଟୁଆ ସାମ୍ବାଦିକ ମାନଙ୍କୁ ସୂଚ୍ନା ଦେଇଥିଲେ।

# ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ମହା ଶିବରାତ୍ରିର ସଫଳ ରୂପାୟନ ନେଇ ଜିଲ୍ଲାପାଳଙ୍କ ମହେନ୍ଦ୍ରଗିରି ଗସ୍ତ

ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲା ରାୟଗଡ ବ୍ଲକ ତଥା ଗାରବନ୍ଧ ଥାନା ଅନ୍ତର୍ଗତ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ଚ୍ଳିତ ୨୫ ତାରିଖରୁ ଶିବରାତ୍ରି ପାଳନ ହେବ। ଏହି ଅବସରରେ ଏଠାରେ ତିନି ଦିନ ଧରି ଜାଗର ଯାତ୍ରା ହୋଇଥାଏ। ଏହାର ସଫଳ ରୂପାୟନ ପାଇଁ ଗଜପତି ଜିଲ୍ଲାପାଳଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ସମୀକ୍ଷା କରିଥିବା ସୂଚ୍ନା ମିଳିଛି. ଜାଗରଯାତ୍ରାରେ ଲକ୍ଷାଧିକ ଜନସମାଗମକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଶ୍ରଦ୍ଧାଳୁଙ୍କ ଯାତାୟାତ ଲାଗି ରାସ୍ତା ମରାମତି, ସୁଲଭ ଦରରେ ପ୍ରସାଦ



ବିକ୍ରି ବ୍ୟବସ୍ଥା, ପାନୀୟ ଜଳ ସୁବିଧା, ଅଲୋକୀକରଣ, ସୁରକ୍ଷା ଓ ଚ୍ଳିକିତ୍ସା ଆଦି ବ୍ୟବସ୍ଥା କରାଯାଇଛି। ଏହିସବୁ ଅନୁଧ୍ୟାନ ପାଇଁ ଗଜପତି ଜିଲାପାଳ ବିଜୟ କୁମାର ଦାସ, ଡିଏଫଓ ଏସ. ଆନନ୍ଦ, ଉପଜିଲାପାଳ ଅନୁପ ପଣ୍ଡା, ଉପଖଣ୍ଡ ପୋଲିସ ଅଧ?କାରୀ ମାଧବାନନ୍ଦ ନାୟକ ଓ ଅନ୍ୟ ଅଧିକାରୀମାନେ ମହେନ୍ଦ୍ରଗିରି ଗସ୍ତ କରି ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ମୁଖ୍ୟତଃ ପାନୀୟ ଜଳ ଓ ୨୪ ଘଣ୍ଟା ବିଦ୍ୟୁତ୍ ଯୋଗାଣ ଲାଗି ରାୟଗଡ ବିଡିଓ, ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମହେନ୍ଦ୍ରଗିରିରେ ଚ୍ଳିତ ବର୍ଷର ମହାଶିବରାତ୍ରୀ ଶାନ୍ତି ଶୃଙ୍ଖଳାରେ ଯେପରି ସମ୍ପୂର୍ଣ୍ଣ ଭାବେ ସଫଳ ହେବ ସେଥିପାଇଁ ଗଜପତି ପ୍ରଶାସନ ସମ୍ପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥିବା ଜିଲ୍ଲାପାଳ ସୂଚ୍ନା ଦେଇଛନ୍ତି।

# ରାଜ୍ୟ ବୀମା ବିଭାଗ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ

ପାରାଦୀପ,(ପି.ଏନ):ଓଡିଶା ସରକାରଙ୍କ ଶ୍ରମ ଏବଂ କର୍ମଚ୍ଚାରୀ ରାଜ୍ୟ ବୀମା ବିଭାଗର ତତ୍ତ୍ୱାବଧାନରେ ପାରାଦୀପ ସ୍ଥିତ କର୍ମଚ୍ଚାରୀ ରାଜ୍ୟ ବୀମା ଚ୍ଳିକିତ୍ସାଳୟ ବିଭିନ୍ନ ସ୍ଥାନୀୟ ଶିକ୍ଷାନୁଷ୍ଠାନ ଓ ସଙ୍ଗଠନରେ କାର୍ଯ୍ୟରତ ବୀମାଭୁକ୍ତ କର୍ମଚ୍ଚାରୀ ଏବଂ ସେମାନଙ୍କ ନିର୍ଭରଶୀଳ ପରିବାର ସଦସ୍ୟଙ୍କ ପାଇଁ ପାରାଦୀପରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି । ଏଥିରେ ଅଭିଜ୍ଞ ଡାକ୍ତରଙ୍କ ଦଳ ମାଗଣା ଡାକ୍ତରୀ ପରୀକ୍ଷା, ପରାମର୍ଶ ଏବଂ ମାଗଣା ଔଷଧ ଓ ନିଦାନ ସେବା ଯୋଗାଇ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଡା.ସୌମ୍ୟ ଦତ୍ତ ମୁଖ୍ୟ ଅତିଥି, ଜ୍ଞାନ ରଞ୍ଜନ ସ୍ୱାଇଁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଇଏସଆଇ ଡିସପେନସାରୀ ପାରାଦୀପର ଦାୟିତ୍ୱରେ ଥିବା ଡା.ଦିଲୀପ ସାହୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କର୍ମଚ୍ଚାରୀ ରାଜ୍ୟ ବୀମା ହସ୍ପିଟାଲ ଭୁବନେଶ୍ୱରର ବିଭିନ୍ନ ବିଶେଷଜ୍ଞ ଡା.ତନୁଶ୍ରୀ ମିଶ୍ର (ଅଙ୍କ?ଲୋଜି ବିଶେଷଜ୍ଞ), ଡା. ବନ୍ଦିତା ପ୍ରିୟଦରିଶିନୀ



(ସ୍ତ୍ରୀ ରୋଗ ବିଶେଷଜ୍ଞ), ଡା. ଲକ୍ଷ୍ମୀକାନ୍ତ ଦେବତା (ଅସ୍ଥି ଶଲ୍ୟ ବିଶେଷଜ୍ଞ), ପ୍ରଫେସର ଡା.ପି.କେ.ପ୍ରଧାନ (ହୃଦରୋଗ ବିଶେଷଜ୍ଞ),ପ୍ରଫେସର ଡକ୍ଟର ଏସ୍.ପି.ଶତପଥୀ (ନ୍ୟୁରୋସର୍ଜରୀ ବିଶେଷଜ୍ଞ),ଡକ୍ଟର ସ୍ୱୟଂ ପଣ୍ଡା (ନ୍ୟୁରୋଲୋଜି ବିଶେଷଜ୍ଞ),ଡକ୍ଟର ରାହୁଲ ପାଟିଲ (ଅଙ୍କଲୋଜି ବିଶେଷଜ୍ଞ) ଙ୍କ ସମେତ ଡା.ରତ୍ନିଶ ମହାନ୍ତି, ଡା.ଅସୀମ ଅରୁଣ,ଡା.କର୍ମକାର, ଡା.ଜ୍ଞାନ ଚ୍ଚାନ୍ଦ ଏବଂ ଡା.ପୂଜା ଦାଶ ପ୍ରମୁଖ ଏହି ଶିବିରରେ ଉପସ୍ଥିତ ରହି ସମସ୍ତ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ କ୍ଷ ଏହି ଶିବିରରେ ପ୍ରାୟ ୩୦୦ ରୁ ଉର୍ଦ୍ଧ ହିତାଧିକାରୀ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟ ଶିବିରରେ ରକ୍ତ ପରୀକ୍ଷା, ମଧୁମେହ ପରୀକ୍ଷା, କର୍କଟ ସ୍କ୍ରିନିଂ, ଇସିଜି, ଇକୋ, ବିଏମଡି ପରୀକ୍ଷା, ଚ୍ଚକ୍ଷୁ ଏବଂ ଦନ୍ତ ପରୀକ୍ଷା ସମେତ ବିଭିନ୍ନ ପ୍ରକାରର ନିଦାନ ସେବା ମଧ୍ୟ ପ୍ରଦାନ କରାଯାଇଥିଲା ।ଡକ୍ଟର ରତ୍ନିଶ ମହାନ୍ତି ଏବଂ ଇଏସଆଇ ଡିସପେନସାରୀ ପାରାଦୀପର ପାରାମେଡିକ୍ସଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମକୁ ଦକ୍ଷତା ଓ ସଫଳତାର ସହିତ ପରିଚ୍ଳାଳିତ କରାଯାଇଥିଲା କ୍ଷ ଏଥିରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଆବଶ୍ୟକ ଯତ୍ନ ଏବଂ ଧ୍ୟାନ ପ୍ରଦାନ କରାଯାଇଥିଲା ଯାହା ଏହି ଅଞ୍ଚଳର ଶ୍ରମିକ ଏବଂ ସେମାନଙ୍କ ପରିବାରର ମଙ୍ଗଳ ପାଇଁ ଇଏସଆଇ ଡିସପେନସାରୀ ଏବଂ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଇଥିଲା।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray